Vol.-I, Issue No-29

1-15 May 2023

online portal : odishasanket.com

Mail ID : odishasanket@gmail.com

Price : Rs. 5.00, Page -8

# ଓଡ଼ିଶା ସଙ୍କେତ

## Odisha Sanket



ପ୍ରଶଂସକଙ୍କ ଆଶା ପୂରଣ କରିପାରିଲା 'କିସି କା ଭାଇ କିସି କୀ ଜାନ'

RNI Regd. No. - ODIODI/2022/82445 | ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା | R.N.I. Title Code-ODIODI08118

# ଓଡ଼ିଶାରେ ଆଗୁଆ ନିର୍ବାଚନ ଚର୍ଚ୍ଚା ବଢୁଛି କାହିଁକି ?

ଓଡ଼ିଶାରେ ସ୍ୱାଭାବିକ ଭାବରେ ଲୋକସଭାର ସାଧାରଣ ନିର୍ବାଚନ ସହିତ ରାଜ୍ୟ ବିଧାନସଭା ନିର୍ବାଚନ ୨୦୨୪ ମଇ ପୂର୍ବରୁ ହେବାର ବ୍ୟବସ୍ଥା ଥିଲେ ମଧ୍ୟ ଗତ କିଛି ମାସ ହେଲା ଓଡ଼ିଶାରେ ବିଧାନସଭା ନିର୍ବାଚନ ୬ ମାସ ଆଗରୁ ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନା ଓ ମିଜୋରାମ ରାଜ୍ୟର ବିଧାନସଭା ନିର୍ବାଚନ ସମୟରେ କରାଇବା ପାଇଁ ଉଦ୍ୟମ ଚାଲିଥିବାର ଚର୍ଚ୍ଚା ଆରମ୍ଭ ହୋଇଛି। କିନ୍ତୁ ଗତ କିଛି ଦିନ ଭିତରେ ଏହି ଚର୍ଚ୍ଚା ଅଧିକ ତୀବ୍ର ହୋଇଛି।

ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦୦୦ ମସିହାରେ ବିଜେଡି-ବିଜେପି ସରକାର ପ୍ରତିଷ୍ଠିତ ହେଲା ପରେ ସ୍ୱାଭାବିକ ଭାବରେ ୨୦୦୫ରେ ବିଧାନସଭା ନିର୍ବାଚନ ହେବା କଥା। କିନ୍ତୁ ସେତେବେଳେ ଏନଡିଏର ଅଂଶୀଦାର ଥିବା ବିଜୁ ଜନତା ଦଳ ୨୦୦୪ରେ ଯେତେବେଳେ ବାଜପେୟୀଙ୍କ ସରକାର ଲୋକସଭାର ସାଧାରଣ ନିର୍ବାଚନ ପାଇଁ ଆହ୍ୱାନ ଦେଲେ ସେତେବେଳେ ବିଧାନସଭାର କାର୍ଯ୍ୟକାଳ ଆଉ ଏକ ବର୍ଷ କାଳ ଥିଲେ ମଧ୍ୟ ୨୦୦୪ ଲୋକସଭା ନିର୍ବାଚନ ସହିତ ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ନିଷ୍ପତ୍ତି ଗ୍ରହଣ କଲେ। ଉଭୟ ବିଜେଡି-ବିଜେପିର ମିଳିତ ସରକାର ଥିବାରୁ ବିଜେପି ମଧ୍ୟ ଏହି ମତ ସହିତ ଏକମତ ହୋଇଥିଲା। ବାଜପେୟୀଙ୍କ ନେତୃତ୍ୱର ଆକର୍ଷଣ ଓଡ଼ିଶାରେ ସେତେବେଳକୁ ଆଦୌ କମିନଥିଲା। ସେତେବେଳେ ଓଡ଼ିଶାରେ କୁହାଗଲା ଯେ ଦୁଇଟି ନିର୍ବାଚନ ଗୋଟିଏ ବର୍ଷ ବ୍ୟବଧାନରେ କରାଯିବା ଫଳରେ ରାଜ୍ୟର ଅଧିକ ଖର୍ଚ୍ଚ ହେଉଛି ଓ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହା ବେଶ୍ ଗ୍ରହଣୀୟ ଯୁକ୍ତି ହୋଇଥିଲା। ସେହି ନିର୍ବାଚନରେ ଲୋକସଭାରେ ବିଜେଡି-ବିଜେପି ମେଂଟ ସଫଳତା ପାଇଥିଲେ ମଧ୍ୟ ବିଧାନସଭାରେ ବିଜେପିଠାରୁ ବିଜେଡି ଅଧିକ ସଫଳତା ପାଇଥିଲା।

ସେହିକ୍ରମରେ ବିଜେଡି ୨୦୦୯ ନିର୍ବାଚନ ବେଳକୁ ଓଡ଼ିଶାରେ ବିଜେପି ସହିତ ମେଂଟ ଭାଙ୍ଗିଦେଲା। ଏନଡିଏରୁ ମଧ୍ୟ ବିଜେଡି ଅଲଗା ହୋଇଯାଇ ପ୍ରଥମ ଥର ପାଇଁ ବାମଦଳଙ୍କ ସହିତ ମିଶି ୨୦୦୯ ନିର୍ବାଚନ ଲଢ଼ିଥିଲା। ଏଥିରେ ମଧ୍ୟ ବିଜେଡିକୁ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତାଠାରୁ ଯଥେଷ୍ଟ ଅଧିକ ଆସନ ମିଳିଥିଲା। ସେହିକ୍ରମରେ ୨୦୧୪ ଓ ୨୦୧୯ରେ ଓଡ଼ିଶାରେ ଲୋକସଭା ନିର୍ବାଚନ ସହିତ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ଦୁଇ ନିର୍ବାଚନରେ ବିଜେଡି ଏକାକୀ ନିର୍ବାଚନକୁ ଯାଇ ବିପୁଳ ସଂଖ୍ୟା ଗରିଷ୍ଠତା ବିଧାନସଭାରେ ହାସଲ କରିଛି।

୨୦୧୪ରେ କଂଗ୍ରେସ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଭାବରେ ବିଧାନସଭାରେ ୧୬ଟି ଆସନ ପାଇଥିବା ସମୟରେ ଲୋକସଭାରେ ୨୦୦୯ରେ ପାଇଥିବା ୬ଟି ଆସନ ମଧ୍ୟରୁ କୌଣସି ଗୋଟିଏ ହେଲେ ହାସଲ କରିପାରିନଥିଲା। ବିଧାନସଭାରେ ବିଜେପିର ସଭ୍ୟ ସଂଖ୍ୟା ୧୦ ହୋଇଥିବା ବେଳେ ଲୋକସଭାରେ ଏହା ଗୋଟିଏ ଆସନ ପାଇଥିଲା। କିନ୍ତୁ ୨୦୧୯ରେ ବିଜେଡି ବିଧାନସଭାରେ ପୂର୍ବ ପ୍ରାଧାନ୍ୟକୁ ବଜାୟ ରଖିଲେ ମଧ୍ୟ ଲୋକସଭାରେ ଏହାର ଆସନ ସଂଖ୍ୟା ୮ଟି କମିଯାଇଥିଲା। ଏଥିମଧ୍ୟରୁ ୭ଟି ବିଜେପି ଓ ଗୋଟିଏ କଂଗ୍ରେସ ହାତକୁ ଯାଇଥିଲା। ବିଧାନସଭାରେ ପ୍ରଥମ ଥର ପାଇଁ ବିଜେପି ୨୩ଟି ଆସନ ସହିତ ମୁଖ୍ୟ ବିରୋଧୀ ଦଳରେ ପରିଣତ ହେଲାବେଳେ କଂଗ୍ରେସ ତୃତୀୟ ସ୍ଥାନକୁ ଖସିଯାଇ ମାତ୍ର ୯ଟି ଆସନ ପାଇଥିଲା।

୨୦୧୯ରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଲୋକସଭାରେ



୩୦୦ରୁ ଅଧିକ ଆସନ ଲାଭ କରି ଏକ ବିପୁଳ ବିଜୟ ହାସଲ କଲାପରେ ବିଜେଡି ସାମାନ୍ୟ ଭୟଭୀତ ହୋଇଥିଲା। ସେଥିପାଇଁ ୨୦୧୯ ନିର୍ବାଚନ ପରେ ପରେ ହୋଇଥିବା ରାଜ୍ୟସଭାର ଦୁଇଟି ଉପ-ନିର୍ବାଚନରେ ରାଜ୍ୟର ଜଣେ ସଦସ୍ୟ ପଠାଇବା ପାଇଁ ବିଜେପିର କୌଣସି ସଂଖ୍ୟା ନଥିଲେ ମଧ୍ୟ ବିଜେଡି ନିଜଆଡୁ ଘୋଷଣା କରି ଗୋଟିକରେ ନିଜ ପ୍ରାର୍ଥୀ ପଠାଇ ଅନ୍ୟ ଆସନରେ ବିଜେପି ପ୍ରାର୍ଥୀ ଅଶ୍ୱିନ ବୈଷ୍ଣବଙ୍କୁ ସମର୍ଥନ କରିବାରୁ ଦୁଇଜଣ ଯାକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। କେନ୍ଦ୍ର ସରକାର ୨୦୧୯ ପରେ ନେଇଥିବା ସମସ୍ତ ବିବାଦୀୟ ଆଇନ୍ ଓ ନୀତିଗୁଡ଼ିକରେ ବିଜେଡି ସଂପୂର୍ଣ୍ଣ ଭାବରେ ସମର୍ଥନ କରିଆସିଛି। ଏପରିକି କୃଷି ଆଇନକୁ ମଧ୍ୟ ବିଜେଡି ସମର୍ଥନ କରିଥିଲା। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ କୌଣସି ଦ୍ୱିଧା ନରଖି ବିଜେଡି ନିଜଆଡୁ ବିଜେପି ପ୍ରାର୍ଥୀଙ୍କୁ ସମର୍ଥନ ଜ୍ଞାପନ କରିଥିଲା। ଅପରପକ୍ଷରେ ୨୦୧୯ ନିର୍ବାଚନ ପରେ ରାଜ୍ୟରେ ଯେତେଗୁଡ଼ିଏ ଉପ-ନିର୍ବାଚନ ହୋଇଛି କେବଳ ଧାମନଗରକୁ ଛାଡ଼ିଦେଲେ ସବୁଠାରେ ବିଜେଡି ନିର୍ବାଚିତ ହୋଇଛି। ଏପରିକି ଅନେକ ଉପ-ନିର୍ବାଚନରେ ବିଜେଡି ଓ ବିଜେପି ଭିତରେ ଭୋଟ ତାରତମ୍ୟ ଖୁବ୍ ଅଧିକ ହୋଇଛି। ସମ୍ଭବତଃ ଏହିସବୁ ଅବସ୍ଥା ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ପରେ କେବଳ ଫନିରେ ଆକାଶମାର୍ଗରେ ଓଡ଼ିଶା ପରିଦର୍ଶନ କରିବା ବ୍ୟତିତ କୌଣସି କାର୍ଯ୍ୟକ୍ରମରେ ଓଡ଼ିଶା ଆସିନାହାନ୍ତି।

ବିଜେଡି ପକ୍ଷରୁ ଏବେ ନବୀନ ପଟ୍ଟନାୟକ ସ୍ପଷ୍ଟ ଭାବରେ ଜାତୀୟ ସ୍ତରରେ ବିରୋଧୀ ଏକତା ପାଇଁ ଚାଲିଥିବା ଉଦ୍ୟମରେ ସେ ସାମିଲ ହେବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏପରିକି ନୀତୀଶ କୁମାରଙ୍କ ଓଡ଼ିଶା ଗସ୍ତ ତାଙ୍କ ଉପରେ କୌଣସି ପ୍ରଭାବ ପକାଇନାହିଁ। ଜାତୀୟ ସ୍ତରରେ ଓ ବିଶେଷଭାବରେ କର୍ଣ୍ଣାଟକ ନିର୍ବାଚନ ପରେ ବିରୋଧୀ ଏକତା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବାରୁ ଏଥିରେ ସାମିଲ ହେଉନଥିବା ନବୀନ ପଟ୍ଟନାୟକଙ୍କ ଗୁରୁତ୍ୱ ବିଜେପି କେନ୍ଦ୍ରୀୟ ନେତାଙ୍କ ପାଇଁ ବଢ଼ିଯାଇଛି। ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟଗତ ଅବସ୍ଥା ନେଇ କେନ୍ଦ୍ର ନେତୃମଣ୍ଡଳୀ ଅବଗତ ଅଛନ୍ତି। ସେଥିପାଇଁ ତାଙ୍କର ଅନେକ କାର୍ଯ୍ୟ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ ଜରିଆରେ କରୁଛନ୍ତି। କିନ୍ତୁ ନବୀନଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ଅକ୍ଷୁଣ୍ଣ ଥିବାରୁ ବିଜେଡିକୁ ପଞ୍ଚାୟତ ଓ ପୌର ନିର୍ବାଚନ ଏପରିକି ଉପ-ନିର୍ବାଚନ ଜିଣିବାରେ କୌଣସି ଅସୁବିଧା ହେଉନାହିଁ। କିନ୍ତୁ ନବୀନ ପଟ୍ଟନାୟକଙ୍କ ଜାତୀୟ ରାଜନୈତିକ ଆଭିମୁଖ୍ୟ ସମଦୂରତା ନ୍ୟାୟରେ ଯେପରି ଚାଲିଛି ସେଥିରେ ଲୋକସଭା ନିର୍ବାଚନରେ ଯେଉଁଠାରେ ଜାତୀୟ ପ୍ରସଂଗ ମୁଖ୍ୟତଃ ଆସିବ ସେଠାରେ ନରେନ୍ଦ୍ର ମୋଦିଙ୍କ ରାଷ୍ଟ୍ରବାଦୀ ଆଭିମୁଖ୍ୟକୁ ବିଜେଡି ମୁକାବିଲା କରିପାରିବ ନାହିଁ।

ଏହି ଘଟଣାଚକ୍ରକୁ ଦେଖି ବିଜେଡି ଯଦି ଜାତୀୟ ରାଜନୀତିଠାରୁ ଅଲଗା ହୋଇ ରାଜ୍ୟ ବିଧାନସଭା ନିର୍ବାଚନ ପ୍ରସଂଗକୁ ଯାଉଛି, ସେଠାରେ ବିଜେଡିର ପ୍ରଭାବ ଅଧିକ ରହିବ। ଯେହେତୁ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଲୋକସଭା ପାଇଁ ପ୍ରଥମ ଲକ୍ଷ୍ୟ ରଖିଛନ୍ତି, ସେହେତୁ ଓଡ଼ିଶା ବିଧାନସଭା ନିର୍ବାଚନ ଉପରେ ସେମାନେ କମ୍ ଗୁରୁତ୍ୱ ଦେଇ ଲୋକସଭା ନିର୍ବାଚନରେ ବିଜେଡି ସେହିପରି ଆଭିମୁଖ୍ୟ ପ୍ରଦର୍ଶନ କରିବେ ବୋଲି ଆଶାପୋଷଣ କରିବାର ସମ୍ଭାବନା ରହିଛି। ଯଦି କୌଣସି ସୂତ୍ରରେ ବିଜେଡି ଓ ବିଜେପି ଭିତରେ ସର୍ବୋଚ୍ଚ ସ୍ତରରେ କିଛି ବୁଝାମଣା ହୁଏ, ତେବେ ନବୀନ ପଟ୍ଟନାୟକ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ବିଧାନସଭା ନିର୍ବାଚନ କରିବା ପାଇଁ ଆଗ୍ରହୀ ହୋଇପାରନ୍ତି। ବିଜେପିର ରାଜ୍ୟ ନେତୃତ୍ୱକୁ ବିଧାନସଭା ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡିକୁ ମୁକାବିଲା କରିବାକୁ ପଡ଼ିବ। ଏଥିରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ପୂରା ଦମ୍‌ରେ ସହାୟତା ନକରି ସେହି ସମୟରେ ହେଉଥିବା ଅନ୍ୟ ୫ଟି ରାଜ୍ୟ ବିଧାନସଭା ନିର୍ବାଚନ ଉପରେ ପୂରାପୂରି ଧ୍ୟାନ ଦେବେ। କାରଣ ସେହିସବୁ ରାଜ୍ୟରେ କଂଗ୍ରେସ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାବରେ ରହିଛି। ଅପରପକ୍ଷରେ ଓଡ଼ିଶାରେ କଂଗ୍ରେସ ଦଳର କୌଣସି ଅଗ୍ରଗତି ହେଉନଥିବା ବାରମ୍ବାର ବିଧାନସଭା ଉପନିର୍ବାଚନ ଫଳାଫଳରେ ପ୍ରତିଫଳିତ ହୋଇଛି। ଏଣୁ ଜାତୀୟ ସ୍ତରରେ ବିଜେପି ପାଇଁ ମୁଖ୍ୟ ଆବଶ୍ୟକତା ହେଉଛି ଲୋକସଭାରେ ଦଳର ସଂଖ୍ୟା ବଢ଼ାଇବା ଓ କଂଗ୍ରେସକୁ ସୀମିତ କରି ରଖିବା।

ଓଡ଼ିଶାରେ ବିଧାନସଭା ନିର୍ବାଚନ ଆଗୁଆ ହେବାର ଅନ୍ୟ ଏକ କାରଣ ହୋଇପାରେ ଯେ ଶୀତଦିନେ ନିର୍ବାଚନ ପ୍ରଚାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସ୍ୱାସ୍ଥ୍ୟଗତ କାରଣରୁ ଯେତିକି ସୁବିଧା ହେବ ଏପ୍ରିଲ-ମଇରେ ପ୍ରଚାର ସେତିକି ଅସୁବିଧା ସୃଷ୍ଟି କରିବ। ଏଣୁ ଓଡ଼ିଶାରେ ଆଗୁଆ ବିଧାନସଭା ନିର୍ବାଚନ ପାଇଁ ସମସ୍ତ ଅନୁକୂଳ ବାତାବରଣ ରହିଛି। କିନ୍ତୁ ଅସଲ ନିଷ୍ପତ୍ତି ନବୀନ ପଟ୍ଟନାୟକଙ୍କୁ ନେବାକୁ ପଡ଼ିବ। ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଫର୍ମୂଲାକୁ ଗ୍ରହଣ କରୁଥିବାର ସଂକେତ ମିଳିଲେ ନବୀନଙ୍କ ନିଷ୍ପତ୍ତି ସେହି ଅନୁସାରେ ହେବ।



# ମା'ର ସେବା ପାଇଁ ଝିଅ ପାଠ ପଢାରେ ଡୋରି

ମୋହନା: ମନରେ ପାଠ ପଢିବା ପାଇଁ ପ୍ରବଳ ଆଗ୍ରହ। ପାଠ ପଢି ଭଲ ମଣିଷଟିଏ ହେବା ସହ ଖଣ୍ଡେ ଚାକିରୀ କରି ପରିବାର ପ୍ରତିପୋଷଣ ପାଇଁ ଦୃଢ଼ ଇଚ୍ଛା ଥିଲା କିନ୍ତୁ ବିଧିର ବିଧାନ ଥିଲା ଅଲଗା। ହଠାତ ମା' ଅଜଣା ରୋଗରେ ପୀଡିତ ହେଲେ ଓ ତାଙ୍କୁ ସେବା କରିବା ପାଇଁ ପାଠ ପଢାରେ ଡୋରି ପଡିଲା। ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ମେରାପଲ୍ଲୀ ପଞ୍ଚାୟତ ଅଧିନ କନ୍ଧ କଳାମେରୀ ଗ୍ରାମର ମିନାକ୍ଷୀ ନାୟକ ବୟସ ୨୨। ସବୁ ପିଲାଙ୍କ ପରି ମିନାକ୍ଷୀ ମଧ୍ୟ ସ୍ୱପ୍ନ ଦେଖିଥିଲା ପାଠ ପଢି ବଡ଼ ମଣିଷ ହେବ ଏବଂ ଚାକିରୀ ଖଣ୍ଡେ କରି ଗରିବୀରୁ ଉଦ୍ଧାର ହେବ। ମା'ଙ୍କୁ ସୁଖ ଶାନ୍ତିରେ ରଖିବ। ପରିବାର କହିଲେ ମା' ସାବିନା ନାୟକ ଏବଂ ମିନାକ୍ଷୀ।

ପୂର୍ବରୁ କୁଲି ମଜୁରୀ କରି ମା' ସାବିନା ଝିଅକୁ ପାଠ ପଢ଼ାଉଥିଲେ ଏବଂ ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଥିଲେ କିନ୍ତୁ ଗତ ୬ ବର୍ଷ ତଳେ ୨୦୧୭ ମସିହାରେ ହଠାତ ସାବିନାଙ୍କ ସ୍ୱାସ୍ଥ୍ୟ ଖରାପ ହେଲା। ମିନାକ୍ଷୀ ବହୁ କଷ୍ଟରେ ଧାର କରଜ କରି ବିଭିନ୍ନ ସ୍ଥାନରେ ମା'ଙ୍କୁ ଡାକ୍ତରୀ ଚିକିତ୍ସା କଲେ କିନ୍ତୁ ଡାକ୍ତର ମଧ୍ୟ ରୋଗ ଚିହ୍ନି ପାରିଲେ ନାହିଁ। ଧୀରେ ଧୀରେ ସାବିନାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଲା। ବର୍ତ୍ତମାନ ସେ ଶଯ୍ୟାଶାୟୀ। ନିଜେ କୌଣସି କାର୍ଯ୍ୟ କରିବା ପାଇଁ ଅସମର୍ଥ। ତେଣୁ ତାଙ୍କ ସମସ୍ତ କାମ କରନ୍ତି ଝିଅ ମିନାକ୍ଷୀ। ମା'ଙ୍କୁ ସେବା କରିବାରେ ମିନାକ୍ଷୀ ଏମିତି ବାନ୍ଧି ହୋଇଗଲେ ଯେ ଶେଷରେ ତାଙ୍କୁ ପାଠ ପଢ଼ା ଛାଡିବା ପାଇଁ ପଡିଲା। ଦଶମ ପରେ ତାଙ୍କ ପାଠ ପଢ଼ାରେ ପଡିଗଲା ଡୋରି। ବର୍ତ୍ତମାନ ମିନାକ୍ଷୀ ମା'ଙ୍କ ସେବା କରିବା ସହ ସମୟ ମିଳିଲେ ମଜୁରୀ କରି ଦୁଇ ପଇସା ରୋଜଗାର କରନ୍ତି। କୁଲି କଲେ ହିଁ ତାଙ୍କ ଚୁଲି ଜଳିଥାଏ। ସରକାରଙ୍କ ତରଫରୁ ଖଣ୍ଡେ ଆବାସ ଗୃହ ମିଳିଛି କିନ୍ତୁ ତାହା ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ମା'ଙ୍କୁ ୫୦୦ ଟଙ୍କା ଭତ୍ତା ରାଶି ମିଳୁଥିଲା କିନ୍ତୁ ତିନି ମାସ ହେଲା ତାହା ମଧ୍ୟ ବନ୍ଦ ହେଇଯାଇଛି। ମାସିକ ପଡିକାର୍ଡରେ ୫ କିଲୋ ଚାଉଳ ମିଳୁଛି। ଯାହା ସମୁଦ୍ରକୁ ଶଙ୍ଖେ। ତେଣୁ ଏହି ଅସହାୟ ମା ଓ ଝିଅଙ୍କୁ ଭରସା ସରକାରୀ ସହାୟତା। ସରକାର ସହାୟତା କଲେ ମିନାକ୍ଷୀ ପୁଣି ପାଠ ପଢିବେ ଏବଂ ମା'ଙ୍କର ଚିକିତ୍ସା ମଧ୍ୟ ହୋଇପାରିବ ବୋଲି କହିଛନ୍ତି ଗ୍ରାମବାସୀ। ଏନେଇ ମୋହନା ବିଡ଼ିଓ ତପସ୍ୱିନୀ ହାଁସଦାଙ୍କ କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରି ସାବିନାଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବା ସହ ପଞ୍ଚାୟତ ତରଫରୁ ମିନାକ୍ଷୀଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯିବ।

# ସିଲାବସ୍‌ରୁ ହଟିବେ 'ସାରେ ଜାହାଁ ସେ ଆଚ୍ଛା' ଲେଖିଥିବା କବି ଇକବାଲ

ନୂଆଦିଲ୍ଲୀ: ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକାଡେମିକ କାଉନସିଲ ଗୋଟିଏ ସଂକଳ୍ପ ପାରିତ କରି ପାକିସ୍ତାନର ଜାତୀୟ କବି ମହମ୍ମଦ ଇକବାଲ ଓରଫ ଆଲାମ ଇକବାଲଙ୍କ ଉପରେ ଲେଖାଥିବା ବିଷୟବସ୍ତୁକୁ ହଟାଇବାକୁ ନିଷ୍ପତ୍ତି ନେଇଛି। ରାଜନୀତ ବିଜ୍ଞାନର ସିଲାବସରେ ଇକବାଲଙ୍କ ବିଷୟରେ ରହିଥିଲା।

ଅବିଭକ୍ତ ଭାରତର ସିଆଲକୋଟରେ ୧୮୭୭ରେ ଜନ୍ମିତ ଇକବାଲ ପ୍ରସିଦ୍ଧ ଗୀତ ସାରେ ଜାହାଁ ସେ ଆଚ୍ଛାର ଜନକ। ତାଙ୍କୁ ପାକିସ୍ତାନ ସୃଷ୍ଟିର ଜନ୍ମଦାତା ଭାବେ ମଧ୍ୟ ବିବେଚନା କରାଯାଏ।

ବିଏର ୬ଷ୍ଠ ସେମିଷ୍ଟରରେ ମର୍ଡନ ଇଣ୍ଡିଆନ ପଲଟିକାଲ ଥଟସ ନାଁରେ ଗୋଟିଏ ବିଷୟବସ୍ତୁ ରହିଛି। ଏଥିରେ ଇକବାଲଙ୍କ ବିଷୟରେ ମଧ୍ୟ ଉଲ୍ଲେଖ ରହିଥିଲା। ଏବେ ଏହାକୁ ହଟାଇବାକୁ ଗୋଟିଏ ସଂକଳ୍ପ ପାରିତ



କରାଯାଇଛି। ଏହି ପ୍ରସଙ୍ଗକୁ ଏବେ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ପରିଷଦରେ ଉପସ୍ଥାପନ କରାଯିବ। ଏହାପରେ ଇକବାଲଙ୍କ ବିଷୟରେ ପିଲାମାନେ ପଢ଼ିବେ କି ନାହିଁ, ତା'ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏକାଡେମି କାଉନସିଲର ଜଣେ ସଦସ୍ୟ କହିଛନ୍ତି, "ରାଜନୀତି ବିଜ୍ଞାନର ସିଲାବାସକୁ ବଦଳାଇବା ପାଇଁ ଗୋଟିଏ ସଂକଳ୍ପ ଆଗତ କରାଯାଇଥିଲା। ସଂକଳ୍ପ ଅନୁସାରେ ଇକବାଲଙ୍କ ଉପରେ ଥିବା ଗୋଟିଏ ବିଷୟବସ୍ତୁକୁ ସିଲାବସରୁ ହଟାଇବାକୁ ନିଷ୍ପତ୍ତି ହୋଇଛି।" ସିଲାବସରେ ଥିବା ଇକବାଲ: କମ୍ୟୁନିଟୀ ଶୀର୍ଷକ ଗୋଟିଏ ୟୁନିଟର ସୀମାକ୍ଷା ମଧ୍ୟ କରାଯାଇଛି। ଏହି ବିଷୟବସ୍ତୁ ସହ ମୋଟ ୧୧ଟି ୟୁନିଟ ରହିଛି। ବ୍ୟକ୍ତିବିଶେଷ ଚିନ୍ତାଧାରାର ଗୁରୁତ୍ୱକୁ ବୁଝିବା ପାଇଁ ଏହି ସବୁ ୟୁନିଟରେ ବ୍ୟବସ୍ଥା ରହିଛି। ଏହି ବିଷୟବସ୍ତୁ ସହ ରାମମୋହନ ରୟ, ପଣ୍ଡିତ ରାମାବାଇ, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧି ଓ ଭୀମରାଓ ଆମ୍ବେଦକରଙ୍କ ଚିନ୍ତାଧାରା ମଧ୍ୟ ରହିଛି।

ଶିକ୍ଷାର୍ଥୀଙ୍କୁ ଭାରତୀୟ ରାଜନୀତିକ ଚିନ୍ତାଧାରାର ସମୃଦ୍ଧି ଓ ବିବିଧତା ସମ୍ପର୍କରେ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ସିଲାବସରେ ଏପରି ବ୍ୟକ୍ତିବିଶେଷଙ୍କ ଚିନ୍ତାଧାରାକୁ ସ୍ଥାନିତ କରାଯାଇଛି। ଆଧୁନିକ ଭାରତର ବିଚାରଧାରାକୁ ବୁଝାଇବା ପାଇଁ ଏହି ବିଷୟବସ୍ତୁତର ଲକ୍ଷ୍ୟ। କିନ୍ତୁ ଏବେ ଉକ୍ତ ବିଷୟବସ୍ତୁରୁ ଇକବାଲଙ୍କ ୟୁନିଟକୁ ହଟାଇ ଦେବାକୁ ନିଷ୍ପତ୍ତି ହୋଇଛି।

ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟର ଏପରି ପଦକ୍ଷେପକୁ ଛାତ୍ର ସଂଗଠନ ଏବିଭିପି ସ୍ୱାଗତ କରିଛି। ଏବିଭିପି ପକ୍ଷରୁ କୁହାଯାଇଛି ଯେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକାଡେମିକ କାଉନସିଲ ପକ୍ଷରୁ ଧର୍ମାନ୍ଧ ଗବେଷକ ମହମ୍ମଦ ଇକବାଲଙ୍କ ଉପରେ ପଢ଼ା ଯାଉଥିବା ବିଷୟବସ୍ତୁକୁ ରାଜନୀତି ବିଜ୍ଞାନ ସିଲାବସରୁ ହଟାଇବାକୁ ନିଷ୍ପତ୍ତି ହୋଇଛି। ଏହାକୁ ବିଏ ୬ଷ୍ଠ ସେମିଷ୍ଟରର ମର୍ଡନ ଇଣ୍ଡିଆନ ପଲଟିକାଲ ଥଟସ୍ ବିଷୟବସ୍ତୁରେ ସାମିଲ କରାଯାଇଥିଲା। ମହମ୍ମଦ ଇକବାଲ ହେଉଛନ୍ତି ପାକିସ୍ତାନ ଗଠନର ଜନକ। ସେ ଜିନ୍ନାହଙ୍କୁ ମୁସଲିମ ଲିଗ୍‌ର ନେତା ଭାବେ ଅବସ୍ଥାପିତ କରିଥିଲେ। ଇକବାଲ ହେଉଛନ୍ତି ଭାରତ ବିଭାଜନର ସୂତ୍ରଧର। ତେଣୁ ବିଶ୍ୱବିଦ୍ୟାଳୟର ଏପରି ନିଷ୍ପତ୍ତିକୁ ଏହି ଛାତ୍ର ସଂଗଠନ ସ୍ୱାଗତ କରିଛି।

# ମଧ୍ୟପ୍ରଦେଶରେ କଂଗ୍ରେସ ଜିତିବ ୧୫୦ ଆସନ: ରାହୁଲ

ନୂଆଦିଲ୍ଲୀ: କର୍ଣ୍ଣାଟକାରେ ବିଜୟ ସ୍ୱାଦ ପାଇଥିବା କଂଗ୍ରେସ ଏବେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଅଣ୍ଟା ଭିଡ଼ିଛି। ଚଳିତ ବର୍ଷ ଶେଷ ଭାଗରେ ଏଠାରେ ବିଧାନସଭା ନିର୍ବାଚନ ହେବ।

କର୍ଣ୍ଣାଟକା ଭଳି ମଧ୍ୟପ୍ରଦେଶରେ ମଧ୍ୟ କଂଗ୍ରେସ ବାଜିମାତ କରିବ ବୋଲି ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧି ଦମ୍ଭୋକ୍ତି କରିଛନ୍ତି। କଂଗ୍ରେସ ଏଠାରେ କେବଳ ଜିତିବ ନାହିଁ, ବରଂ ୧୫୦ ଆସନ ଜିତିବ ବୋଲି ରାହୁଲ ଆଶା କରିଛନ୍ତି।

ଦିଲ୍ଲୀରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ରାହୁଲ ଗାନ୍ଧି କହିଛନ୍ତି ଯେ "ଆମେ ଦୀର୍ଘ ସମୟ ଧରି ଆଲୋଚନା କରିଛୁ। ଆମର ଆଭ୍ୟନ୍ତରୀଣ ଆକଳନ ଅନୁଯାୟୀ, ଆମେ ଯେଉଁଭଳି କର୍ଣ୍ଣାଟକାରେ




୧୩୬ ଆସନ ଜିତିଲୁ ଠିକ ସେହିପରି ମଧ୍ୟପ୍ରଦେଶରେ ୧୫୦ ଆସନ ଜିତିବୁ।"

ମଧ୍ୟପ୍ରଦେଶର ବରିଷ୍ଠ କଂଗ୍ରେସ ନେତାମାନେ ଦିଲ୍ଲୀ ମୁଖ୍ୟାଳୟରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେଟିଥିଲେ। ଏହି ସମୟରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନକୁ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି।

ବୈଠକରେ ମଧ୍ୟପ୍ରଦେଶ କଂଗ୍ରେସ ମୁଖ୍ୟ କମଲନାଥଙ୍କ ସମେତ ମଧ୍ୟପ୍ରଦେଶ ପର୍ଯ୍ୟବେକ୍ଷ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ରହିଥିଲେ। କର୍ଣ୍ଣାଟକାରେ ଦଳ ଯେମିତି ଏକାଠି ହୋଇ ନିର୍ବାଚନ ଲଢ଼ିଥିଲା ମଧ୍ୟପ୍ରଦେଶରେ ବି ସେହି ଫର୍ମୁଲା ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

କମଲନାଥ କହିଛନ୍ତି, "ମଧ୍ୟପ୍ରଦେଶ ନିର୍ବାଚନକୁ ଆଉ ୪ ମାସ ବାକି ରହିଛି। ମଧ୍ୟପ୍ରଦେଶର ଭବିଷ୍ୟତ ଓ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକ ଆଜିର ବୈଠକରେ ଆଲୋଚନା ହୋଇଛି।" ୨୦୧୮ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପି ପରାସ୍ତ ହୋଇଥିଲା। କିନ୍ତୁ କଂଗ୍ରେସ ସରକାରରେ ବିଦ୍ରୋହ ହେବାରୁ ବିଜେପି ୨୦୨୦ରେ ପୁଣି କ୍ଷମତାକୁ ଆସିଥିଲା।

ଅବସର କହିଲେ ଆମେ ସାଧାରଣତଃ ଚାକିରି ନିବୃତ୍ତିକୁ ବୁଝିଥାଉ। ମାତ୍ର ଗୋଟିଏ ଦିନରେ ଜଣେ ଅନେକ ଥର ଅବସର ଖୋଜେ। ଶରୀର ଭଲ ନଥିଲେ କିମ୍ବା ମନ ଭଲ ନଥିଲେ କାମ କରିବାକୁ ଇଚ୍ଛା ହୁଏ ନାହିଁ। ଚିଡ଼ଚିଡ଼ା ଲାଗେ ଓ ଏତିକିବେଳେ ଇଚ୍ଛା ହୁଏ ଟିକେ ବିଶ୍ରାମ ବା ଅବସର ନେବାକୁ। ମୋଟାମୋଟି କହିବାକୁ ଗଲେ ଅବସର ବ୍ୟକ୍ତିକୁ ପୁନଃକାର୍ଯ୍ୟକ୍ଷମ କରିବାର ଏକ ପ୍ରାକୃତିକ ମାଧ୍ୟମ। ଆଧୁନିକ ସମୟ ଏହି ଅବସରକୁ କରିଦେଲାଣି ବେଶ୍ ରୋମାଞ୍ଚକର ଓ ରଚିଶୀଳ। ଖଂଜି ଦେଲାଣି ନାନାଦି ସୁଖ-ସୁବିଧା। ମନୋରଂଜନରେ ଭରପୁର ଆଜିର ଅବସର ସମ୍ପର୍କରେ କିଛି ରଚିପୂର୍ଣ୍ଣ ପ୍ରସଙ୍ଗ...



# ସମୟ ସ୍ରୋତରେ ଅବସର

ବ୍ୟବସାୟୀ, ଚାକିରିଆ, ଗୃହିଣୀ, ଶିକ୍ଷକ-ଶିକ୍ଷୟତ୍ରୀ ଓ ଦିନ ମଜୁରିଆ ସମସ୍ତେ ଚାହାନ୍ତି କାମରୁ ଅବ୍ୟାହତି ବା ଟିକେ ବିଶ୍ରାମ। କୃଷିପ୍ରଧାନ ଭାରତବର୍ଷର ଲୋକେ ଚାରିମାସ କୃଷି କାର୍ଯ୍ୟ କରିବା ପରେ ଖୁବ୍ ବିଶ୍ରାମ କରନ୍ତି। କାରଣ କୃଷିକର୍ମରେ ଖୁବ୍ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ। ଲୁଡୁ, ତାସ୍, ପଶାପାଲି, ସତରଂଜୀ ଆଦି ଖେଳ ଖେଳି କିମ୍ବା ଗଛମୂଳ, ଗାଁମୁଣ୍ଡ ମନ୍ଦିର, ନଈକୂଳ ପଠା, ଗାଁର ବିଭିନ୍ନ ଅନୁଷ୍ଠାନ ନିମନ୍ତେ ପ୍ରସ୍ତୁତ ଘରମାନଙ୍କରେ ବସି ଗପସପ ହୋଇ ନିଜର ଅବସର ସମୟ କାଟିଥାନ୍ତି। ମାତ୍ର ସମୟ ବଦଳିବା ସହ ମଣିଷର ଏହି ଅବସର ନେବାର ଢଙ୍ଗରେ ବି ପରିବର୍ତ୍ତନ ଆସିଲା। ବିଶେଷ କରି ଦୂରଦର୍ଶନ ଆସିବା ପରେ ଗ୍ରାମ୍ୟ ଜୀବନର ପ୍ରମୁଖ ଅବସର ସମୟକୁ ଏହା ମାଡ଼ି ବସିଛି। ଆବାଳ-ବୃଦ୍ଧ-ବନିତା ଦୂରଦର୍ଶନର ମାୟାରେ ପଡ଼ି ସେମାନଙ୍କର ବହୁମୂଲ୍ୟ ଅବସର ସମୟକୁ ଟିଭି ଦେଖାରେ ଅତିବାହିତ କରୁଥିବାର ଦେଖିବାକୁ ମିଳୁଛି। ସେହିପରି ସହର ବା ଇଣ୍ଟରନେଟ୍ ସୁବିଧା ଥିବା ଅଞ୍ଚଳମାନଙ୍କରେ ମୋବାଇଲ୍, ଲାପଟପ୍ ଓ କମ୍ପ୍ୟୁଟର ଜରିଆରେ ଫେସ୍‌ବୁକ୍, ହ୍ୱାଟ୍‌ସ ଆପ୍ ଆଦି ଅତ୍ୟାଧୁନିକ ଭାବ ବିନିମୟ ମାଧ୍ୟମକୁ ନେଇ ପ୍ରାୟ ଅଧିକାଂଶ ଲୋକଙ୍କର ଅବସର ସମୟ ଏବେକୁ ହୋଇ ଉଠିଛି ବର୍ଣ୍ଣମୟ। ଆଉ କିଛି ସହରୀ ମଣିଷଙ୍କର ଅବସର ସମୟ କଟୁଛି ନିଜର ପାଳିତ ପଶୁମାନଙ୍କ ସହ। ବିଶେଷ କରି କିସମ କିସମର ବିଦେଶୀ କୁକୁର ଧରି ଅବସର ସମୟ କାଟୁଥିବା ସହରୀ ମଣିଷମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି।



## ଅବସରର ଇତିହାସ

ଅବସର ଏକ ବିଳାସ। ଅତୀତରେ ଏହା କେବଳ ଅଳ୍ପ ସଂଖ୍ୟକ ଜମିଦାର, ରାଜା, ବ୍ୟବସାୟୀ ଓ ଶାସକମାନଙ୍କ ପାଖରେ ସୀମିତ ହୋଇ ରହିଥିଲା। ଏଥିପାଇଁ ସେମାନଙ୍କୁ ଅନେକ ଅର୍ଥ ବ୍ୟୟ କରିବାକୁ ପଡୁଥିଲା। ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଶେଷଭାଗ ମଧ୍ୟରେ ଏହା ଗ୍ରେଟ୍ ବ୍ରିଟେନ୍‌ରୁ ସମଗ୍ର ଇଉରୋପର ଧନୀ ରାଷ୍ଟ୍ରମାନଙ୍କୁ ସଂକ୍ରମିତ ହେବାରେ ଲାଗିଲା।

## ବିଭିନ୍ନ ଦେଶରେ ଅବସର

**ଫ୍ରାନ୍ସ :** ଫ୍ରାନ୍ସର ଶିଳ୍ପଭିତ୍ତିକ ସହର ଲିଲେ ଉପରେ ଅବସର ପ୍ରଭାବ ପଡ଼ିଲା ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ। ୧୮୫୮ରେ ଏହି ସହରର ଜନସଂଖ୍ୟା ଥିଲା ୮୦ ହଜାର। ଏହି ୮୦ ହଜାର ଲୋକଙ୍କ ରାତ୍ରୀକାଳୀନ ଅବସର ବିନୋଦନ ପାଇଁ ଏଠାରେ ୬୩ଟି ମଦ ଓ ନୃତ୍ୟ-ଗୀତ କ୍ଲବ୍, ୩୭ଟି ତାସ୍ ଖେଳ କ୍ଲବ୍, ୨୩ଟି ବାଉଲ୍ କେନ୍ଦ୍ର, ୧୩ ଟି ବ୍ୟଙ୍ଗ ନାଟକ କ୍ଲବ୍ ଏବଂ ୧୮ଟି ଧନୁର୍ବିଦ୍ୟା ଗ୍ରହଣ କେନ୍ଦ୍ର ଖୋଲା ଯାଇଥିଲା।

**ଆମେରିକା:** ଅବସର ବା ବିଶ୍ରାମ ବିଶେଷ କରି ଏହା ଆମେରିକାରେ ବେଶ୍ ସୁପ୍ରଭାବ ପକାଇଲା। ପ୍ରଚୁର ବିଶ୍ରାମ ବା ଅବସରର ସୁଯୋଗ ଯୋଗାଇଦେବା ଯୋଗୁଁ ସେଠାକାର କର୍ମଚାରୀମାନେ ଅଧିକ କାର୍ଯ୍ୟ କରିବାକୁ ସକ୍ଷମ ହେଲେ। ଆମେରିକାର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅବସର ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କଲା।

**କାନାଡ଼ା:** କାନାଡ଼ାରେ ଅବସର ଏକ ନୈତିକ ମୂଲ୍ୟବୋଧଭିତ୍ତିକ କାର୍ଯ୍ୟ ବୋଲି ବିଚାର କରାଯାଏ। ପ୍ରବଳ ଥଣ୍ଡାରେ ଥରୁଥିବା କାନାଡ଼ିୟାନ୍ ରାତି ତଥା ଗରମରେ ସିଝି ଦିନରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ଅବସର ପାଇଁ ବେଶ୍ ସୁବିଧା-ସୁଯୋଗ କାନାଡ଼ା ରଖିଥିଲା ଓ ଆଜି ବି ରଖିଛି। ହକି, ରୋଲର୍ ସ୍କେଟିଙ୍ଗ୍, ସିଙ୍ଗାଲଙ୍ଗ୍‌ସ ଏବଂ କ୍ୟାରମ୍ ଆଦି ଖେଳ ପାଇଁ ଅନେକ ସୁବିଧା ସୁଯୋଗ ସୃଷ୍ଟି ହୋଇଛି। ଏଠାକାର ଲୋକଙ୍କ ପାଇଁ ଏଠାରେ 'ବରଫ ହକି' ବେଶ୍ ଭଲ ଅବସର ବିନୋଦନର ମାଧ୍ୟମ ସାଜିଛି।

## ଅବସର କାଟିବାର ପ୍ରମୁଖ ମାଧ୍ୟମ

ଅବସର ବିନୋଦନର ବିଭିନ୍ନ ମାଧ୍ୟମ ମଣିଷ ପାଖରେ ଥିଲେ ବି ବିଶ୍ୱର ଅଧିକାଂଶ ଲୋକ ଏହି ଚାରିଟି ଜିନିଷ ଉପରେ ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ସେଗୁଡ଼ିକ ହେଲା-

- ଟିଭି ଦେଖିବା
- ଖେଳ ଦେଖିବା ଓ ଖେଳିବା
- ଉତ୍ସବରେ ସାମିଲ୍ ହେବା
- ପାର୍କ, ପ୍ରାକୃତିକ, ଧର୍ମସ୍ଥଳୀ ଓ ଐତିହାସିକ ସ୍ଥାନ ବୁଲି ଦେଖିବା।

## ଶାରିରୀକ ଅବସର ଓ ମାନସିକ ଅବସର

କିଛି ସମୟ କାର୍ଯ୍ୟ କରି ସାରିଲା ପରେ ସାଧାରଣତଃ ମଣିଷ ଶରୀର ବିଶ୍ରାମ ବା ଅବସର ଚାହେଁ। ଶରୀରକୁ ଅବସର ଦେବା ପାଇଁ ଶୋଇବା, ପଢିବା, ଲେଖିବା, ଗୀତ ଗାଇବା, ବାଦ୍ୟ ବଜାଇବା ଆଦି କାର୍ଯ୍ୟ ଦ୍ୱାରା ଶରୀରକୁ ଅବସର ଦେବା ସହ ଏଇ ଧରଣର କିଛି ହାଲ୍‌କା କାର୍ଯ୍ୟ କରାଯାଇପାରେ। ମାତ୍ର ମାନସିକ ଶାନ୍ତି ପାଇଁ ନିରବତା ହିଁ ଏକମାତ୍ର ମାଧ୍ୟମ। ନିରବରେ ଅତ୍ୟନ୍ତ ଧୀର-ସ୍ଥିର ଚିତ୍ତରେ ଏକାଗ୍ରତାର ସହ ସମୟ କାଟିବାକୁ ମାନସିକ ଅବସର କୁହାଯାଇଥାଏ। ଏହି ପଦ୍ଧତିକୁ ଆଉ ଟିକେ ସରଳ କରିବା ପାଇଁ ଯୋଗ, ପ୍ରାର୍ଥନା ଓ ଧ୍ୟାନ ଆଦିର ସହଯୋଗ ନିଆଯାଇପାରେ। ମାତ୍ର ଏହାର ମୁଖ୍ୟ ଉପାୟଟି ବା ଉପାଦାନ ହେଉଛି ନିରବତା।

**ଶିଶୁମାନଙ୍କ ପାଇଁ ଅବସର**

ଶିଶୁଟିଏ ଜନ୍ମ ନେଲା ପରେ ତାକୁ ପ୍ରଚୁର ବିଶ୍ରାମ ବା ଅବସର ଆବଶ୍ୟକ ପଡ଼େ। ଶିଶୁର ମାନସିକ ବିକାଶ ପାଇଁ ଏହି ଅବସର ଏକ ଔଷଧ ପରି କାର୍ଯ୍ୟ କରିଥାଏ। ଶିଶୁଟି ଶୋଇଥିଲା ବଳେ ତାକୁ ସାମାନ୍ୟ ବିରକ୍ତ ବା ତା'ନିଦରେ କୌଣସି ପ୍ରକାର ବାଧା ନଆଣିବା ପ୍ରତ୍ୟେକ ଅଭିଭାବକଙ୍କର କର୍ତ୍ତବ୍ୟ। ଶିଶୁଟିର ଚାଲିବା, ଖେଳିବା, ବୁଲିବା ବୟସ ହୋଇଗଲେ ତାକୁ ଅଧିକ ସମୟ ଖେଳିବାକୁ ଦେବା ସହ ତା'ର ବିଶ୍ରାମ ନେବା ପ୍ରତି ଅଧିକ ଗୁରୁତ୍ୱ ଦେବା ବି ଉଚିତ୍। ସମସ୍ତ ପିତା-ମାତା ତଥା ଅଭିଭାବକମାନେ ସେମାନଙ୍କର ବିଦ୍ୟାଳୟକୁ ଯାଉଥିବା ଶିଶୁଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବା ଆବଶ୍ୟକ। ସାଧାରଣତଃ ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକମାନେ ଶିଶୁଟିକୁ ପାଠ ପଢାଇବା ଆଳରେ ଆବଶ୍ୟକତା ଠାରୁ ଅଧିକ ପଢାଇଥାଆନ୍ତି ଓ ସେମାନଙ୍କ ଠାରୁ ପାଠ ଆଦାୟ ବି କରନ୍ତି। ଆଧୁନିକ ସମୟ ଖୁବ୍ ବ୍ୟକ୍ତିକୈନ୍ଦ୍ରିକ ଓ ଅନୁକରଣପ୍ରିୟ ହୋଇ ଉଠିଛି। ଫଳରେ ପଡ଼ିଶା ଘର ଶିଶୁ , ସ୍କୁଲ୍ ସହପାଠୀଙ୍କ ଠାରୁ ନିଜର ଶିଶୁଟି କିପରି ଅଧିକ ନମ୍ବର ରଖିବ ସେଥିପ୍ରତି ମାତ୍ରାଧିକ ଗୁରୁତ୍ୱ ଦେଇଥାନ୍ତି। ଏହି ପରିସ୍ଥିତିରେ ଶିଶୁଟିର ମାନସିକ ଶାନ୍ତି ବା ଅବସର ବିଷୟରେ କାହାରି ଚିନ୍ତା ନଥାଏ। ସହରାଞ୍ଚଳରେ ବସବାସ କରୁଥିବା ଶିଶୁମାନେ ପ୍ରାୟ ଅଧିକାଂଶ ସମୟ ସ୍କୁଲ୍ ନହେଲେ ଘରେ ରୁହନ୍ତି। ସେମାନଙ୍କୁ ଖେଳାଇବା ବା ସେମାନଙ୍କ ମାନସିକ ଶାନ୍ତି ପାଇଁ ଅବସର ବିନୋଦନ ଯୋଗାଇଦେବା କାର୍ଯ୍ୟଚାପରେ ରହୁଥିବା ପିତା-ମାତାଙ୍କ ପକ୍ଷେ ଅନେକ ସମୟରେ ସମ୍ଭବ ହୋଇପାରେନାହିଁ। ଅବସର ବା ବିଶ୍ରାମ ନପାଇ ଅନେକ ପିଲା ମାନସିକ ଭାରସାମ୍ୟ ହରାଇବା ଲକ୍ଷ୍ୟ କରାଯାଏ। କେହିକେହି ଶିଶୁ ପରବର୍ତ୍ତୀ ଜୀବନକାଳରେ ନିଷ୍ଠୁର ଓ ସମ୍ବେଦନଶୀଳହୀନ ହୋଇଯାଆନ୍ତି। ତେଣୁ ପ୍ରତିଟି ଶିଶୁକୁ ପ୍ରଚୁର ବିଶ୍ରାମ ବା ଅବସର ଦିଆନଗଲେ ଶିଶୁଟି ମଣିଷ କମ୍ ବେଶୀ ମେସିନ୍ ବା ଯାନ୍ତ୍ରିକ ହୋଇଯିବାର ସମ୍ଭାବନା ଥାଏ। ତେଣୁ ପିଲାମାନଙ୍କୁ ପାଠ ପଢାଇବା ସହ ସେମାନଙ୍କ ରଚିର ଖେଳ-କୁଦ, ନାଚ-ଗୀତ, ଚିତ୍ରାଙ୍କନ ଓ ଏହିପରି ଅନ୍ୟ କାର୍ଯ୍ୟ ପ୍ରତି ଉତ୍ସାହିତ କରିବା ଉଚିତ୍। ଏହିସବୁ କାର୍ଯ୍ୟରୁ ଶିଶୁଟିକୁ କଳାତ୍ମକ ଜୀବନ ଚର୍ଯ୍ୟା ସହ ପରିଚିତ କରାଇବା ସହ ଅନେକ ମାନସକି ଶାନ୍ତି ଆଣିଦିଏ।



**ବିଶ୍ୱରେ ପୁରୁଷ-ମହିଳା ଅବସରର ପ୍ରଭେଦ**

ସମଗ୍ର ବିଶ୍ୱରେ ପୁରୁଷ ଓ ମହିଳାଙ୍କ ଅବସର ସମୟକୁ ବିଚାରକୁ ନେଲେ ପୁରୁଷମାନେ ମହିଳାମାନଙ୍କ ଠାରୁ ଅଧିକ ଅବସର ସମୟ ବିତାଇ ଥାଆନ୍ତି। ଖେଳିବା, ଟିଭି ଦେଖିବା, ବାହାରେ ବୁଲାବୁଲି କରିବା ଏମିତି ଭାବେ ସପ୍ତାହକୁ ପ୍ରାୟ ପାଞ୍ଚଘଣ୍ଟାରୁ ଅଧିକ ସମୟ ସେମାନେ ମହିଳାମାନଙ୍କ ଠାରୁ ଅଧିକ ଅବସର ସମୟ କଟାନ୍ତି। ଆମେରିକାର ଏକ ପରିସଂଖ୍ୟାନ ସର୍ଭେରୁ ଜଣାଯାଇଛି ଯେ, ଏହି ଅବସର ସମୟ ଲିଙ୍ଗଭେଦର ଏକ ବିରାଟ ସମସ୍ୟା ଭାବେ ଉଭା ହେଲାଣି। ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଯେଉଁ ପୁରୁଷମାନେ ବାପା ହୋଇଛନ୍ତି ସେମାନଙ୍କ ଠାରୁ ମାଆ ହୋଇଥିବା ମହିଳାମାନଙ୍କ ଅବସର ସମୟ ସପ୍ତାହକୁ ପ୍ରାୟ ତିନିଘଣ୍ଟା କମ୍। ସେହିପରି ଯେଉଁ ପରିବାରରେ ପିଲାମାନେ ବଡ଼ ହୋଇ ବାହାରେ ରହୁଛନ୍ତି ସେପରି ପରିବାରରେ ବି ପୁରୁଷମାନଙ୍କ ଅବସର ସମୟ ଅଧିକ। ସପ୍ତହକୁ ପ୍ରାୟ ପାଞ୍ଚଘଣ୍ଟା ଅଧିକ ସମୟ ଅବସରରେ ଦିଅନ୍ତି ଏହି ପରିବାରର ପୁରୁଷମାନେ। ଏହି ଅବସରକୁ ନେଇ ଅନେକ ପରିବାରରେ ଅଶାନ୍ତି ମଧ ଲାଗି ରହିବାରେ ଲକ୍ଷ୍ୟ କରାଯାଉଛି ବୋଲି ୧୯୮୧ ମସିହାର 'ଷ୍ଟଡ଼ି ଅଫ୍ ଟାଇମ୍ ୟୁଜ୍' ରିପୋର୍ଟରୁ ଜଣାପଡ଼ିଛି।

## ଅବସର ପରେ କ'ଣ କରିବେ ଆପଣ ?

ଚାକିରି ବା କର୍ମକ୍ଷେତ୍ରରୁ ଅବସର ନେବା ପରେ ଜଣେ ମଣିଷ ପାଇଁ ଆଉ କିଛି କାମରେ ନରହିଲେ ବା ସେ ଅନ୍ୟ କେଉଁଠାରେ ବ୍ୟସ୍ତ ନରହିଲେ ନାନାଦି ଅସୁବିଧା ଘଟେ। ବିଶେଷ କରି ମାନସିକ ଓ ଶାରିରୀକ ଭାବେ ସେ ନିଜକୁ ଦୁର୍ବଳ ମନେକରେ। ତେଣୁ ଏ ପରିପ୍ରେକ୍ଷୀରେ ନିଜ ମନ ଓ ଶରୀରକୁ ସୁସ୍ଥ ନିରୋଗ ରଖିବା ପାଇଁ କିଛି କାର୍ଯ୍ୟ କରିବା ନିହାତି ଆବଶ୍ୟକ। ତେବେ ଏହି ସମୟରେ ଆପଣ କ'ଣ କରିବା ଉଚିତ୍ ହେବ ଜାଣି ରଖନ୍ତୁ।



**ଲେଖା-ଲେଖି କରନ୍ତୁ**

ଆପଣ ବିତାଇଥିବା ସୁଖଦ ଓ ଦୁଃଖଦ ମୁହୂର୍ତ୍ତମାନଙ୍କୁ ଗୋଟିଏ ଡ଼ାଏରୀ ରେ ଲେଖନ୍ତୁ। ଆପଣଙ୍କର ଏହି କାର୍ଯ୍ୟ ଦ୍ୱାରା ଆପଣଙ୍କ ଅବସର ସମୟ କଟିଯିବା ସହ ଆପଣଙ୍କ ଅନୁଭବ ଓ ଅନୁଭୂତି ବି ଅନ୍ୟମାନଙ୍କ କାର୍ଯ୍ୟରେ ଲାଗି ପାରିବ।

**ପଢାପଢି କରନ୍ତୁ**

କଥାରେ ଅଛି ଯେତେ ପଢିଲେ ବି ପାଠ ସରେ ନାହିଁ। ପଢିବା ଦ୍ୱାରା ନିଜର ଜ୍ଞାନ ବୃଦ୍ଧି ହେବା ସହ ଅବସର ସମୟ ବେଶ୍ ସୁଖରେ କଟିଥାଏ।

**ନୂଆ ଭାଷା ଜାଣନ୍ତୁ**

ନିଜର ମାତୃଭାଷା ବ୍ୟତୀତ ଏହି ଅବସର ସମୟରେ ଆପଣ ଆହୁରି ଅନ୍ୟଭାଷା ବିଷୟରେ ଜାଣନ୍ତୁ ଓ ଶିଖନ୍ତୁ। ସମୟ କଟିବା ସହ ଅନ୍ୟ ଭାଷା, ସେମାନଙ୍କ ଚାଲି-ଚଳଣି, ଆଚାର-ବ୍ୟବହାର ସହ ବି ପରିଚିତ ହୁଅନ୍ତୁ।

**ଖେଳନ୍ତୁ**

ଆପଣଙ୍କୁ ଯେଉଁ ଖେଳ ଭଲ ଲାଗେ ଖେଳନ୍ତୁ। ଏହା ଦ୍ୱାରା ଶାରିରୀକ ସୁସ୍ଥତା ସହ ମାନସିକ ଶାନ୍ତି ଏବଂ ଅବସର ସମୟ ଆରାମରେ କଟିଯାଏ।

**କ୍ଲବ୍‌ରେ ଯୋଗ ଦିଅନ୍ତୁ**

ଏବେ ହସ ଠୁ ଆରମ୍ଭ କରି ଯୋଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର କ୍ଲବ୍ ମାନ ଖୋଲିଲାଣି। ଏହିପରି ଗୋଟିଏ କ୍ଲବ୍‌ରେ ଯୋଗ ଦେଇ ଆପଣ ଆପଣଙ୍କ ଅବସର ସମୟ କାଟି ଦେଇ ପାରିବେ।

**ଚିତ୍ର ଆଙ୍କନ୍ତୁ**

ଚିତ୍ର ଆଙ୍କିବା ପାଇଁ ପ୍ରାୟ ସମସ୍ତଙ୍କର ଇଚ୍ଛା ଥାଏ। ଯଦି ଆପଣଙ୍କର ଏଥିପ୍ରତି ଦୁର୍ବଳତା ଥାଏ ତେବେ ଏହାକୁ ଆଧାର କରି ଆପଣ ଆପଣଙ୍କର ଅବସର ସମୟ କାଟିବାରେ ବେଶ୍ ସୁଖ ପାଇବେ।

**ରୋଷେଇ କରନ୍ତୁ**

ରୋଷେଇ କରିବା ଗୋଟେ କଳା। ଯଦି ଆପଣଙ୍କର ଏହା ପ୍ରତି ରଚି ଥାଏ, ତେବେ ବିଭିନ୍ନ ପ୍ରକାରର ନୂଆ ଡ଼ିସ୍ ପ୍ରସ୍ତୁତ କରି ପ୍ରିୟପରିଜନଙ୍କୁ ଖୁଆନ୍ତୁ ଓ ଖାଆନ୍ତୁ। ଅବସର ସମୟ କାଟିବାରେ ଏହା ଆଉ ଏକ ପ୍ରକୃଷ୍ଟ ମାଧ୍ୟମ।

**ଭ୍ରମଣରେ ଯାଆନ୍ତୁ**

ଭ୍ରମଣ ମଣିଷ ଜୀବନର ଅନ୍ୟ ଏକ ଅବସର ବିନୋଦନର ମାଧ୍ୟମ। ନିଜ ପସନ୍ଦର ବିଭିନ୍ନ ସ୍ଥାନକୁ ନିଜେ ଯାଇ ବୁଲାବୁଲି କରିବା ସହ ପରିବାରକୁ ନେଇ ବୁଲାଇବାରେ ଖୁବ୍ ମାନସିକ ଶାନ୍ତି ମିଳିଥାଏ। ନୂତନସ୍ଥାନର ପ୍ରାକୃତିକ ସୁଷମା ଦେଖିବା ତଥା ସ୍ଥାନର ମହାତ୍ମ୍ୟ ଜାଣି ଖୁସି ହୁଅନ୍ତୁ। ବ୍ୟୟ ବହୁଳ ହେଲେ ବି ଭ୍ରମଣ ଠାରୁ ଭଲ ଅବସର ବିନୋଦନ ଆଉ କିଛି ନାହିଁ।

**ପରିବାର ପାଇଁ ସମୟ ଦିଅନ୍ତୁ**

ନିଜର ପ୍ରିୟ-ପରିଜନଙ୍କୁ ସମୟ ଦିଅନ୍ତୁ। ବିଶେଷ କରି ପରିବାରରେ ଥିବା ଛୋଟପିଲାମାନଙ୍କ ସହ ହସିଖେଳି ସମୟ କାଟିବାର ମଜା ଖୁବ୍ ନିଆରା। ଏହାଦ୍ୱାରା ମାନସିକ ଶାନ୍ତି ମିଳେ। ଯାହା ଏକ ଅବସରପ୍ରାପ୍ତ ମଣିଷ ପାଇଁ ଖୁବ୍ ଜରୁରୀ। ନିର୍ଜନତା ବା ଏକାନ୍ତରେ ବେଶୀ ସମୟ ରହିବା ଦ୍ୱାରା ଅବସରପ୍ରାପ୍ତ ମଣିଷ ନିଃସଙ୍ଗ ହୋଇଯାଏ। ଆଉ ଏହି ନିଃସଙ୍ଗତା ମଣିଷକୁ ନାନାଦି ଭୁଲ୍ କଥା କରିବାକୁ ଶିଖାଏ।

**ସାମଜିକ ସେବା କାର୍ଯ୍ୟରେ ନିଯୁକ୍ତ ରୁହନ୍ତୁ**

ଅବସର ପରେ ଯଦି ଆପଣଙ୍କର ସମୟ ବଳୁଛି ତେବେ, ସମାଜର ଉନ୍ନତିରେ ତାହା ଖର୍ଚ୍ଚ କରନ୍ତୁ। ବିଭିନ୍ନ ପ୍ରକାରର ସମାଜସେବା କରି ଅନ୍ୟର ସହାୟ ହେବା ସହ ନିଜ ଅବସର ସମୟର ସଦୁପଯୋଗ କରନ୍ତୁ। ଏହାଦ୍ୱାରା ଆପଣ ମାନସିକ ଶାନ୍ତି ପାଇବା ସହ ଯଶ ଓ ସମ୍ମାନ ମଧ୍ୟ ପ୍ରାପ୍ତ ହେବେ। ସମୂହ କଲ୍ୟାଣରେ ସମାଜର ଉନ୍ନତି ହେବା ସହ ଆପଣଙ୍କ ଅବସର ସମୟ ବି କଟିଯିବ।



**ପାର୍ଟ ଟାଇମ୍ କାର୍ଯ୍ୟ କରନ୍ତୁ**

ଅବସର ପରେ ଯଦି ଆପଣ ଶାରିରୀକ ଭାବେ ସୁସ୍ଥ ତେବେ ଆପଣ ଅନ୍ୟକିଛି କାର୍ଯ୍ୟ ବା ବ୍ୟବସାୟ କରି ପାରନ୍ତି। ଏଥିରେ ଆପଣଙ୍କ ଅବସର ସମୟ କଟିଯିବା ସହ ପରିବାରରେ ଆର୍ଥିକ ଉନ୍ନତି ବି ହୋଇ ପାରିବ।

ଏହା ବ୍ୟତୀତ ଜଣେ ଅବସରପ୍ରାପ୍ତ ମଣିଷ ଚାହିଁଲେ ନିଜର ବହୁମୂଲ୍ୟ ସମୟକୁ ଦେଶ, ଜାତି ତଥା ନିଜ ପରିବାରର ଉନ୍ନତିରେ ବିଭିନ୍ନ ଉପାୟରେ ବ୍ୟୟ କରି ପାରିବେ। ଉଭୟ ମାନସିକ ଓ ଶାରିରୀକ ଶାନ୍ତି ପାଇଁ ଅବସର ସମୟକୁ ସଠିକ୍ ଉପାୟରେ ଖର୍ଚ୍ଚ କରି ପାରିଲେ ଅବସର ସମୟ ବୋଝ ନହୋଇ କେତେବେଳେ କଟିଯିବ ଜାଣିହେବ ନାହିଁ।

**ଅବସର ସମୟର ଦୁରୁପଯୋଗ !**

ସମୟ ବଡ଼ ମୂଲ୍ୟବାନ। ସମୟ ଥରେ ହାତରୁ ଖସିଗଲେ ଆଉ ଫେରେ ନାହିଁ। ଏକଥା ଜାଣି ମଧ୍ୟ ଆମେ ସମୟ ନଷ୍ଟ କରୁ। ମିଳିଥିବା ବହୁ ମୂଲ୍ୟବାନ୍ ଅବସର ସମୟକୁ ଆମେ କାର୍ଯ୍ୟରେ ନଲଗାଇ ଛାଡ଼ି ଦେଉ। ଯାହର ମୂଲ୍ୟ ପରବର୍ତ୍ତୀ ସମୟରେ ସୁଝି ହୁଏ ନାହିଁ। ଆମ ଦେଶର ଯୁବ ସମାଜ ଆଜି ଏହି ଅବସର ବା ଲିଜର୍ ସମୟ ପ୍ରତି ବେଶ୍ ଉଦାସୀନ। ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଫଳରେ ବର୍ତ୍ତମାନର ଯୁବପିଢି ସେମାନଙ୍କର ନଷ୍ଟ ହେଇଯାଉଥିବା ଅବସର ସମୟକୁ ନେଇ ଆଦୌ ବିଚଳିତ ନୁହନ୍ତି। ଏହା କୌଣସି ବି ଏକ ପ୍ରଗତିଶୀଳ ଦେଶର ଉନ୍ନତିରେ ବାଧକ ନିଶ୍ଚୟ। ବିଭିନ୍ନ ପ୍ରକାରର ଯାନ୍ତ୍ରିକ ଆନନ୍ଦ ପାଇଁ ଆମ ଦେଶର ବହୁ ଯୁବକ-ଯୁବତୀଙ୍କ ଅବସର ସମୟ ଅଯଥା ବିନିଯୋଗ ହେଉଛି। ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ ଭାରତରେ ୧୨-୧୪ ବର୍ଷ ମଧ୍ୟରେ ଥିବା ପ୍ରାୟ ୫୦% ପିଲାଙ୍କ ମୁଖ୍ୟ ଅବସର ସମୟ ଟିଭି ଦେଖା, ଫେସ୍‌ବୁକ୍, କମ୍ପ୍ୟୁଟର୍ ଗେମ୍ ଓ ହ୍ୱାଟସ୍‌ଆପ୍‌ରେ ବିତୁଛି।

# ଚୀନ୍ ନୁହେଁ, ଏବେ ଭାରତର ଜନସଂଖ୍ୟା ସବୁଠୁ ଅଧିକ

ଚୀନ୍‌କୁ ପଛରେ ପକାଇଲା ଭାରତ । ବର୍ଷ ବର୍ଷ ଧରି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶ ତାଲିକାରେ ଚୀନ୍ ନାଁ ସବୁଠୁ ଉପରେ ରହୁଥିବା ବେଳେ ଏବେ ଭାରତ ସେହି ସ୍ଥାନ ଅଧିକାର କରିଛି । ଅର୍ଥାତ ଏବେ ଭାରତ ବିଶ୍ୱର ସବୁଠୁ ଅଧିକ ଜନବହୁଳ ରାଷ୍ଟ୍ର । ଦ୍ୱିତୀୟ ତାଲିକାରେ ରହିଛି ଚୀନ । ସଂଯୁକ୍ତ ରାଷ୍ଟ୍ର ପକ୍ଷରୁ ବିଭିନ୍ନ ଦେଶର ଜନସଂଖ୍ୟା ଗଣନା କରାଯାଇ ଏପରି ରିପୋର୍ଟ ପ୍ରକାଶ ପାଇଛି ।

ଚଳିତ ବର୍ଷ ପ୍ରାରମ୍ଭରେ ହିଁ ଭାରତ ବିଶ୍ୱର ସବୁଠୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ହେବ ବୋଲି ଗ୍ଲୋବାଲ ଏକ୍ସପର୍ଟ୍ସ ନାମକ ସଂସ୍ଥା ଅନୁମାନ କରିଥିଲା, ଯେଉଁଥିରେ ସଂଯୁକ୍ତ ରାଷ୍ଟ୍ର ଏବେ ମୋହର ମାରିଛି । ସଂଯୁକ୍ତ ରାଷ୍ଟ୍ର ପକ୍ଷରୁ ବିଧିବଦ୍ଧ ଭାବେ ପ୍ରକାଶିତ ରିପୋର୍ଟରେ ଭାରତ ଚୀନ୍‌ଠୁ ୨୯ ଲକ୍ଷ ଆଗରେ ରହିଛି । କିନ୍ତୁ ପ୍ରକୃତରେ ଭାରତ କେବେ ଚୀନ୍ ଜନସଂଖ୍ୟାକୁ ଅତିକ୍ରମ କରି ଆଗକୁ ବଢ଼ିଲା ସେ ନେଇ କିଛି ସ୍ପଷ୍ଟ ସୂଚନା ନାହିଁ ।

ୟୁନାଇଟେଡ ନ୍ୟାସନାଲ ପପୁଲେଶନ ଫଣ୍ଡ ଅନୁଯାୟୀ, ସମଗ୍ର ବିଶ୍ୱର ଜନସଂଖ୍ୟା ଏବେ ୮ଶହ କୋଟିରୁ ଅଧିକ ଅଟେ । ଏହି ରିପୋର୍ଟ ଅନୁଯାୟୀ, ଭାରତର ଜନସଂଖ୍ୟା ଏବେ ୧୪୨ କୋଟି ୮୬ ଲକ୍ଷ ଅଟେ । ଅପରପକ୍ଷେ, ଚୀନ୍‌ର ଜନସଂଖ୍ୟା ୧୪୨ କୋଟି ୫୭ ଲକ୍ଷ ଅଟେ । ଏପରି କ୍ଷେତ୍ରରେ ୨ ଦେଶର ଜନସଂଖ୍ୟାରେ ୨୯ ଲକ୍ଷ ପାର୍ଥକ୍ୟ ରହିଛି ।

ଗତ ୧୯୫୦ ମସିହାରୁ ସଂଯୁକ୍ତ ରାଷ୍ଟ୍ର ବିଶ୍ୱର ବିଭିନ୍ନ ଦେଶର ଜନସଂଖ୍ୟା ରେକର୍ଡ ରଖୁଛି । ଏହାର ମିଡିଆ ପରାମର୍ଶଦାତା ଅନ୍ନା ଜେଫରିଜ କହିଛନ୍ତି, ଜନସଂଖ୍ୟା ମାମଲାରେ ଭାରତ କେବେ ଚୀନ୍‌କୁ ପଛରେ ପକାଇଲା, ସେ ନେଇ



କିଛି ନିର୍ଦ୍ଦିଷ୍ଟ ସୂଚନା ନାହିଁ । ତେବେ ୨ ଦେଶ ମଧ୍ୟରେ ଜନସଂଖ୍ୟା ଅନ୍ତର ଖୁବ୍ କମ୍ ରହିଛି । ତାଙ୍କ କହିବାନୁଯାୟୀ, ଚୀନ୍‌ର ଜନସଂଖ୍ୟା ଗତବର୍ଷ ପିକ୍‌ରେ ପହଞ୍ଚିଥିବା ବେଳେ ଏହାପରେ ଗ୍ରାଫ ତଳମୁହାଁ ହୋଇଥିଲା । ହେଲେ ଭାରତର ଜନସଂଖ୍ୟା ଗ୍ରାଫ୍ ଏବେ ବି ଉପରମୁହାଁ ରହିଛି । ହେଲେ ଭାରତର ଗ୍ରୋଥ୍ ରେଟ୍ ୧୯୮୦ ମସିହା ତୁଳନାରେ କମ୍ ରହୁଛି । ଏହା ଅର୍ଥ ଭାରତର ଜନସଂଖ୍ୟା ବଢୁଛି, କିନ୍ତୁ ଗ୍ରୋଥ୍ ରେଟ୍ ପୂର୍ବ ତୁଳନାରେ କମ୍ ରହୁଛି ।

ରିପୋର୍ଟ ଅନୁଯାୟୀ, ଭାରତର ୨୫% ଜନସଂଖ୍ୟା ୦ରୁ ୧୪ ବର୍ଷ ମଧ୍ୟରେ ରହିଛି । ଏହାବାଦ ୧୮% ଜନସଂଖ୍ୟା ୧୦ରୁ ୧୯ ବର୍ଷ ମଧ୍ୟରେ ରହୁଛି । ୧୦ରୁ ୨୪ ବର୍ଷ ବୟସର ଲୋକ ୨୬% ପାଖାପାଖି ଅଛନ୍ତି । ହେଲେ ଚୀନ୍‌ରେ ୬୫%ରୁ ଅଧିକ ବୟସର ଲୋକ ୧୪% ରହିଛି ।

ରିପୋର୍ଟ ଅନୁଯାୟୀ, ଚୀନ୍ ନାଗରିକଙ୍କ ଆୟୁଷ ଭାରତୀୟଙ୍କ ଆୟୁଷଠାରୁ ଅଧିକ ରହୁଛି । ଚୀନରେ ମହିଳାଙ୍କ ଆୟୁଷ ୮୨ ଓ ପୁରୁଷଙ୍କର ୭୬ ବର୍ଷ ପର୍ଯ୍ୟନ୍ତ ରହୁଥିବା ବେଳେ ଭାରତରେ ମହିଳାଙ୍କ ଆୟୁଷ ୭୪ ଓ ପୁରୁଷଙ୍କର ୭୧ ବର୍ଷ ରହୁଛି ।

ବିଗତ ବହୁ ବର୍ଷ ଧରି ଚୀନ୍‌ରେ ଏକ ଶିଶୁ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉଥିବାରୁ ତାହା ଜନସଂଖ୍ୟା କମିବାର କାରଣ ବୋଲି କହୁଛନ୍ତି ବିଶେଷଜ୍ଞ । ଏହାର ପ୍ରଭାବ ଏପରି ପଡ଼ିଲା ଯେ, ଏବେ ୨ କିମ୍ବା ତା'ଠୁ ଅଧିକ ଶିଶୁ ଜନ୍ମ କଲେ ଚୀନ୍ ସରକାର ଆକର୍ଷଣୀୟ ଅଫର୍ ଦେବାକୁ ଘୋଷଣା କରୁଛନ୍ତି । ହେଲେ ଭାରତରେ ସେପରି କିଛି କଡ଼ାକଡ଼ି ନିୟମ ଲାଗୁ କରାଯାଇନି ।

## ଖରା ଯୋଗୁ ଦିନ ୧୨ରୁ ୫ଟା ଯାଏ ସବୁ କାର୍ଯ୍ୟକ୍ରମ ବନ୍ଦ

ପ୍ରବଳ ଖରା ଯୋଗୁ ୧୪ ଜଣ ଲୋକ ପ୍ରାଣ ହରାଇବା ପରେ ଚେତିଛନ୍ତି ସରକାର । ଏଣିକି ଦିନ ୧୨ଟାରୁ ଅପରାହ୍ନ ୫ଟା ରାଜ୍ୟରେ କୌଣସି କାର୍ଯ୍ୟକ୍ରମ ଖୋଲା ସ୍ଥାନରେ ହୋଇପାରିବ ନାହିଁ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ



ଦୃଷ୍ଟିରେ ରଖି ମହାରାଷ୍ଟ୍ର ସରକାର ଏପରି ନିଷ୍ପତ୍ତି ନେଇଛନ୍ତି । ନଭି ମୁମ୍ବାଇର ଖାରଘର ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମହାରାଷ୍ଟ୍ର ଭୂଷଣ ପୁରସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ । ତେବେ ପ୍ରବଳ ଭିଡ଼ ଓ ଖରା ଯୋଗୁ ୧୪ ଜଣଙ୍କ ମୃତ୍ୟୁ ଘଟିଥିଲା ।

ଏବେ ବି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସରକାର ଦିନ ୧୨ଟାରୁ ଅପରାହ୍ନ ୫ଟା ଯାଏ ଖୋଲା ସ୍ଥାନରେ କୌଣସି ପ୍ରକାରର ସାଧାରଣ ସଭା ହୋଇପାରିବ ନାହିଁ ବୋଲି କହିଛନ୍ତି । ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ଏହି ନିୟମ କାର୍ଯ୍ୟକାରୀ କରାଯିବ । ଏ ସମ୍ପର୍କରେ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କ୍ୟାବିନେଟ ମନ୍ତ୍ରୀ ମଙ୍ଗଳ ପ୍ରଭାତ ଲୋଧା କହିଛନ୍ତି ।

ସରକାରଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ କେନ୍ଦ୍ରମନ୍ତ୍ରୀ କପିଲ ପାଟିଲ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ । ଲୋକମାନେ ପ୍ରବଳ ଖରା ଯୋଗୁ ଅସୁସ୍ଥ ହୋଇ ପଡ଼ିଥିଲେ । ତେଣୁ ସମସ୍ତଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା ।

କିନ୍ତୁ ସେଠାରେ ୧୪ ଜଣଙ୍କ ମୃତ୍ୟୁ ଘଟିଥିଲା । ସରକାର ମୃତକଙ୍କ ପରିବାର ପ୍ରତି ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଘୋଷଣା କରିଥିବା ବେଳେ ଅସୁସ୍ଥଙ୍କ ମାଗଣା ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ପଞ୍ଚଭୂତରେ ଲୀନ ହେଲେ ପ୍ରକାଶ ସିଂହ ବାଦଲ

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂହ ବାଦଲଙ୍କୁ ତାଙ୍କ ପୈତୃକ ଗାଁ ମୁକ୍ତସର ଜିଲ୍ଲାରେ ଅନ୍ତିମ ବିଦାୟ ଦିଆଯାଇଛି । ହଜାର ହଜାର ଲୋକ ଓ ବିଭିନ୍ନ ଦଳର ନେତାଙ୍କ ଉପସ୍ଥିତିରେ ପଞ୍ଚଭୂତରେ ଲୀନ ହୋଇଛନ୍ତି ଅକାଳୀ ଦଳର ବରିଷ୍ଠ ନେତା ତଥା ୫ଥର ପଞ୍ଜାବର ମୁଖ୍ୟମନ୍ତ୍ରୀ ହୋଇଥିବା ପ୍ରକାଶ ସିଂହ ବାଦଲ ।

ଶିଖ ରୀତିନୀତି ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦ ସହ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ପ୍ରକାଶ ସିଂହ ବାଦଲଙ୍କ ପୁଅ ତଥା ଅକାଳୀ ଦଳର ମୁଖ୍ୟ ସୁଖବୀର ସିଂହ ବାଦଲ ମୁଖାଗ୍ନି ଦେଇ ବାପାଙ୍କୁ ଅନ୍ତିମ ବିଦାୟ ଜଣାଇଛନ୍ତି ।

ବାଦଲଙ୍କ ପାର୍ଥିବ ଶରୀରକୁ ତାଙ୍କ ପୈତୃକ ବାସଭବନରୁ ପ୍ରାୟ ୧ କିମି ଦୂରରେ ଥିବା ଗୋଟିଏ ଖୋଲା ସ୍ଥାନକୁ ନିଆଯାଇଥିଲା । ଫୁଲରେ



ସଜ୍ଜିତ ଗୋଟିଏ ଗାଡ଼ିରେ ପୁଅ ସୁଖବୀନ୍ଦର ଓ ପରିବାର ଲୋକ ଉପସ୍ଥିତ ରହି ବାଦଲଙ୍କ ପାର୍ଥିବ ଶରୀରକୁ ସେଠାକୁ ନେଇଥିଲେ । ଏହି ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ।

ବିଜେପି ମୁଖ୍ୟ ଜେପି ନଡ୍ଡା, ଏନସିପି ମୁଖ୍ୟ ଶରଦ ପାୱାର ଓ ନ୍ୟାଶନାଲ କନଫରେନ୍ସର ନେତା ଓମାର ଅବଦୁଲ୍ଲାଙ୍କ ଭଳି ନେତା ବାଦଲଙ୍କ ଗାଁରେ ପହଞ୍ଚି ଶେଷଦର୍ଶନ କରିଥିଲେ । କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ବରିଷ୍ଠ ବିଜେପି ନେତା ତରୁଣ ସି, ହରିଆଣାର ଉପ ମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌତାଲା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଫୁଲ ପଟେଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂହ ମାନ୍, ରାଜ୍ୟପାଳ ବନୱାରିଲାଲ ପୁରୋହିତ, ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦା ସିଂହ ହୁଡ୍ଡା, କଂଗ୍ରେସ ନେତା ଦୀପେନ୍ଦର ହୁଡ୍ଡା, ପଞ୍ଜାବ ବିଜେପି ମୁଖ୍ୟ ଅଶ୍ୱିନୀ ଶର୍ମା, ପଞ୍ଜାବ କଂଗ୍ରେସ ମୁଖ୍ୟ ଅମରିନ୍ଦର ସିଂହ ରାଜା ୱାରିଂ ଓ ପୂର୍ବତନ ମନ୍ତ୍ରୀ ସୁଖଜିନ୍ଦର ସିଂହ ପ୍ରମୁଖ ବାଦଲଙ୍କ ଅନ୍ତିମ ସଂସ୍କାରରେ ଉପସ୍ଥିତ ରହିଥିଲେ । ଅନ୍ତିମ ଦର୍ଶନ ଓ ସଂସ୍କାର ବେଳେ ପ୍ରବଳ ଭିଡ଼ ଜମିଥିବାରୁ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

ବାଦଲଙ୍କ ପାର୍ଥିବ ଶରୀରକୁ ଅନ୍ତିମ ଦର୍ଶନ ପାଇଁ ତାଙ୍କ ବାସଭବନରେ ରଖାଯାଇଥିଲା । ଲୋକମାନେ ଧାଡ଼ିରେ ଆସି ନିଜ ପ୍ରିୟ ନେତାଙ୍କୁ ଶେଷଥର ପାଇଁ ଦେଖିଥିଲେ ।

## ବାଜି ମାରିନେଲେ ସିଦ୍ଧରମୈୟା, ଶିବକୁମାର ହେବେ ଡେପୁଟି ସିଏମ୍

ଗତ ୪ ଦିନ ଧରି ଚାଲିଥିବା କର୍ଣ୍ଣାଟକା ହାଇ ପଲଟିକାଲ ଡ୍ରାମାରେ ପଡ଼ିଛି ପୂର୍ଣ୍ଣଛେଦ । ଛିଣ୍ଡିଛି ଭାଗବଣ୍ଟା ଓ ସବୁ ସସ୍?ପେନ୍ସରୁ ଉଠିଛି ପରଦା । ଶେଷରେ ବରିଷ୍ଠ କଂଗ୍ରେସ ନେତା ସିଦ୍ଧରମୈୟା କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ପଦ ହାତେଇ ନେଇଥିବା ବେଳେ ଡିକେ ଶିବ କୁମାର ହେବେ ଡେପୁଟି ସିଏମ୍ । ଶପଥ ଗ୍ରହଣ ସମାହୋର ଆସନ୍ତା ୨୦ ତାରିଖ ମଧ୍ୟାହ୍ନ ୧୨ଟା୩୦ରେ ବାଙ୍ଗାଲୁରୁରେ ହେବ । ଏନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି ।

ଏହା ଉପରେ ମୋହର ମାରିବା ନିମନ୍ତେ କର୍ଣ୍ଣାଟକା କଂଗ୍ରେସ ବିଧାୟକ ଦଳ ବୈଠକ ଆଜି ସନ୍ଧ୍ୟା ୭ଟାରେ ବେଙ୍ଗାଲୁରୁରେ ଡକାଯାଇଛି । ଅଖିଳ ଭାରତୀୟ କଂଗ୍ରେସ କମିଟିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ବେଙ୍ଗାଲୁରୁରେ ପହଞ୍ଚିବାକୁ କୁହାଯାଇଛି ।

କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ପଦକୁ ନେଇ ଭାଗବଣ୍ଟା ଛିଣ୍ଡୁ ନ ଥିବା ବେଳେ ନୂଆଦିଲ୍ଲୀରେ




ଡେରା ପକାଇ ରହିଥିବା ଶିବକୁମାର ଓ ସିଦ୍ଧରମୈୟା ଗତକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ବରିଷ୍ଠ ନେତା ରାହୁଲ ଗାନ୍ଧିଙ୍କୁ ଭେଟିଥିଲେ । ଉଭୟ ପକ୍ଷଙ୍କ ମଧ୍ୟରେ ଘନ ଘନ ବୈଠକ ବସିଥିଲା । ସନ୍ଧ୍ୟା ସୁଦ୍ଧା କୌଣସି ଆପୋଷ ସହମତିର ସୂଚନା ମିଳି ନ ଥିବା ବେଳେ ବିଳମ୍ବିତ ରାତିରେ କିନ୍ତୁ ଭାଗବଣ୍ଟା ଛିଣ୍ଡିଥିବା ଜଣାଯାଇଛି । ଏହି ବୈଠକ ପରେ ଶିବକୁମାର ପୁଣିଥରେ ଖଡଗେଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି । ପୂର୍ବରୁ କ୍ଷମତା ଭାଗବଣ୍ଟା ଫର୍ମୁଲାକୁ ଗ୍ରହଣ କରୁ ନଥିବା ଶିବକୁମାର ପରେ ଏଥିରେ ରାଜି ହୋଇଥିବା ସୂଚନା ଜଣାଯାଇଛି ।

ଉଭୟ ଶିବ କୁମାର ଓ ସିଦ୍ଧରମୈୟା କର୍ଣାଟକା ମୁଖ୍ୟମନ୍ତ୍ରୀ ହେବାକୁ ଇଚ୍ଛା ରଖିଥିବା ବେଳେ ହାଇକମାଣ୍ଡଙ୍କ ଚିନ୍ତା ବଢ଼ି ଯାଇଥିଲା । ଏହାକୁ ନେଇ ଗତକାଲି ଉଭୟ ନେତା ରାହୁଲ ଗାନ୍ଧି ଓ ମଲ୍ଲିକାର୍ଜୁନ ଖଡଗେଙ୍କ ସହଦୀର୍ଘ ସମୟ ଆଲୋଚନା କରିଥିଲେ ସିଦ୍ଧରମୈୟାଙ୍କ ସହ ମୁଖ୍ୟମନ୍ତ୍ରୀ ଆସନ ବାଣ୍ଟିବାକୁ ଶିବ କୁମାର ସହମତି ପ୍ରକାଶ କରିଥିଲେ ବି ପଥମାର୍ଦ୍ଧ ଅର୍ଥାତ ପ୍ରଥମ ଅଢ଼େଇ ବର୍ଷ ସେ ନିଜେ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବା ଜିଦରେ ଅଟଳ ରହିଥିଲେ । ତାଙ୍କୁ ୨.୫ ବର୍ଷ ଲେଖାଏ ମୁଖ୍ୟମନ୍ତ୍ରୀ ଫର୍ମୁଲା ଦିଆଯାଇଥିଲା । ଏଥିରେ ସେ କିଛି ପରିମାଣର ରାଜି ହୋଇଥିଲେ ବି ପ୍ରଥମ ଅଢ଼େଇ ବର୍ଷର ରାଜ୍ୟର କମାଣ ସମ୍ଭାଳିବାକୁ ଚାହୁଁଥିବା ଖଡଗେଙ୍କୁ ଜଣାଇ ଦେଇଥିଲେ । ହେଲେ ବିଳମ୍ବିତ ରାତିରେ କିପରି ଡେପୁଟି ସିଏମ୍ ପଦରେ ସନ୍ତୁଷ୍ଟ ହେଲେ ଶିବକୁମାର ତାକୁ ନେଇ ଜାରି ରହିଛି ସସ୍‌ପେନ୍ସ ।

## ରାହୁଲଙ୍କ ପରେ ତେଜସ୍ୱୀଙ୍କ ନାଁରେ ମାନହାନୀ କେସ୍

ରାହୁଲ ଗାନ୍ଧିଙ୍କ ପରେ ବିହାରର ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏବେ ଗୁଜରାଟରେ ଗୋଟିଏ ମାନହାନୀ କେସ୍‌ର ଫସିଛନ୍ତି । କେବଳ ଗୁଜରାଟୀମାନେ ହିଁ ଠକ ହୋଇପାରିବେ ବୋଲି ଆରଜେଡି ନେତା ବୟାନ ଦେଇଥିବାରୁ ତାଙ୍କ ନାଁରେ ଅହମଦାବାଦ କୋର୍ଟରେ ମାମଲା କରାଯାଇଛି ।



ମାର୍ଚ୍ଚ ମାସରେ ତେଜସ୍ୱୀ ଯାଦବ କହିଥିଲେ ଯେ "ବର୍ତ୍ତମାନ ଦେଶର ଅବସ୍ଥା ଏପରି ହୋଇଗଲାଣି ଯେ କେବଳ ଜଣେ ଗୁଜରାଟୀ ଠକାମୀ କରିପାରିବେ ଓ ତାଙ୍କ ଦୁର୍ନୀତିକୁ କ୍ଷମା ମଧ୍ୟ କରି ଦିଆଯିବ ।" ପଳାତକ ଘୋଷିତ ଭାରତୀୟ ବ୍ୟବସାୟୀ ମେହୁଲ ଚୋକସି ନାଁରେ ।

ତାଙ୍କର ଏହି ବୟାନକୁ ଆଧାର କରି ହରେଶ ମେହେତା ନାମକ ଜଣେ ବ୍ୟବସାୟୀ ଅହମଦାବାଦ ମେଟ୍ରୋପଲିଟାଣ୍ଟ କୋର୍ଟରେ ତେଜସ୍ୱୀଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଶ୍ରୀ ମେହେତା ଗଣମାଧ୍ୟମକୁ ଏହି ଖବର ଦେଖିଛନ୍ତି ଓ ତେଜସ୍ୱୀଙ୍କ ମନ୍ତବ୍ୟ ଗୁଜରାଟୀ ଅସ୍ମିତାକୁ ଆଘାତ ଦେଇଛି ବୋଲି ଦାବି କରିଛନ୍ତି ।

ତାଙ୍କ ଅଭିଯୋଗକୁ ଭିତ୍ତି କରି ତେଜସ୍ୱୀଙ୍କ ବିରୋଧରେ ଆଇପିସିର ଧାରା ୪୯୯ ଓ ୫୦୦ ଦଫାରେ ମାମଲା ରୁଜୁ କରାଯାଇଛି । ମେ' ୧ରେ କୋର୍ଟ ଏହାର ଶୁଣାଣି କରିବେ । କୋର୍ଟ ଶୁଣାଣି ବେଳେ ତେଜସ୍ୱୀଙ୍କୁ ସମନ ସହ କୋର୍ଟରେ ହାଜର ହେବାକୁ କହି ପାରନ୍ତି ।


ପୂର୍ବରୁ ସୁରତର ମେଟ୍ରୋପଲିଟାଣ୍ଟ ମାଜିଷ୍ଟ୍ରେଟ କୋର୍ଟ ରାହୁଲ ଗାନ୍ଧିଙ୍କୁ 'ମୋଦି ସରନେମ' ସମ୍ପର୍କରେ ଦେଇଥିବା ବୟାନ ପାଇଁ ୪୯୯ ଓ ୫୦୦ ଦଫାରେ ଦଣ୍ଡବିଧାନ କରିଥିଲେ ।

# ଦୁନିଆର ସର୍ବ କନିଷ୍ଠ ସିରିଏଲ କିଲର; ୮ ବର୍ଷ ବୟସରେ ନେଇଥିଲା ୪ ଜୀବନ

ସିରିଏଲ କିଲର୍ ନାଁ ଶୁଣିଲେ ମନକୁ ଭୟଙ୍କର ଚିତ୍ର ଚାଲିଆସେ । କେହି ବ୍ୟକ୍ତି ହାତରେ ଛୁରି, ବନ୍ଧୁକ କିମ୍ବା ଅନ୍ୟ କୌଣସି ମାରଣାସ୍ତ୍ର ଧରି ଅତି ନିର୍ଦ୍ଦୟ ଭାବେ ହତ୍ୟା କରୁଥିବା ଭାବନା ମନକୁ ଚାଲି ଆସେ । ଏପରି କଥା ଶୁଣିଲେ ଏକ ଅଜଣା ଆତଙ୍କରେ ଦେହରେ ଶିହରଣ ସୃଷ୍ଟି ହେଉଥିବା ବେଳେ ଲୋମ ଟାଙ୍କୁରି ଉଠେ । ହେଲେ ସିରିଏଲ କିଲର ଯଦି ଏକ ଛୋଟ ଛୁଆ ହୋଇଥାଏ, ତେବେ ତାହାକୁ ବିଶ୍ୱାସ କରିବା ଅସମ୍ଭବ ହୋଇପଡ଼େ । ହେଲେ ଏହା ବାସ୍ତବ । ଏପରି ଜଣେ କୁନି ସିରିଏଲ କିଲର ଭାରତରେ ହିଁ ଅଛନ୍ତି । ଏହି କୁନି ସିରିଏଲ କିଲରର ନାଁ ହେଉଛି ଅମରଜିତ ସଦା । ଅମରଜିତକୁ ଦୁନିଆର ସବୁଠୁ ଛୋଟ ସିରିଏଲ କିଲର ଓ ବିହାରର ମିନି ସିରିଏଲ କୁହାଯାଇଥାଏ ।

ବିହାରର ୮ ବର୍ଷର ନାବାଳକ ଅମରଜିତ ସଦା ଦିନେ ପାଲଟିଥିଲା ଦୁନିଆର ସବୁଠୁ ଛୋଟ ସିରିଏଲ କିଲର । ନିଷ୍ପାପ ମୁହଁ ପଛରେ ସାଙ୍ଘାତିକ ଷଡଯନ୍ତ୍ର ଲୁଚି ରହିଥିବା ବେଳେ ଏହାକୁ ଚିହ୍ନିବା ସମସ୍ତଙ୍କ ପାଇଁ ମୁସ୍କିଲ ହୋଇପଡ଼ିଲା । ଇତି ମଧ୍ୟରେ ନିରୀହ ଦେଖାଯାଉଥିବା ଏହି ୮ ବର୍ଷର ନାବାଳକ ୪ ଛୋଟ ଛୋଟ ଛୁଆଙ୍କୁ ତଣ୍ଟି ଚିପି ମାରି ସାରିଥିଲା । ଏହାପରେ ଅମରଜିତକୁ ପୁଲିସ୍ ବାନ୍ଧି ନେଇଥିବା ବେଳେ ବାଳ ସ୍ୱଧାର ଗୃହରେ ୮ ବର୍ଷର ରହଣି ପରେ ସେ ବାହାରିଥିବା ଜଣାଯାଇଛି । ତେବେ ଏବେ ଏହି କୁନି ସାଂଘାତିକ ସିରିଏଲ କିଲର ମୁକ୍ତି ପାଇ ସାରିଥିବା ବେଳେ ତାକୁ ବାହାର ଦୁନିଆରୁ ସମ୍ପୂର୍ଣ୍ଣ ଦୂରେଇ ରଖିଛନ୍ତି ତା' ପରିବାର ଲୋକେ ।

ଅମରଜିତ ବିହାରର ବେଗୁସରାୟ ଜିଲ୍ଲାର ଏକ ଛୋଟ ଗାଁର ବାସିନ୍ଦ । ମାତ୍ର ୮ ବର୍ଷ ବୟସରେ ଯେତେବେଳେ ଏକ ଛୋଟ ଛୁଆ ଚପଳାମି ଦେଖାଇବା କଥା, ସାଙ୍ଗସାଥିଙ୍କ ସହ ହସଖେଳରେ ମାତିବା କଥା, ସେତେବେଳେ ଅମରଜିତ ପାଲଟି ଯାଇଥିଲା ଦୁର୍ଦ୍ଦାନ୍ତ ସିରିଏଲ କିଲର । କୁନି କୁନି ପିଲାଙ୍କ



ରକ୍ତ ଛିଟାରେ ଭିଜି ସାରିଥିଲା ତା'ର ସମ୍ପୂର୍ଣ୍ଣ ଶରୀର ।

୨୦୦୭ ମସିହାରେ ଆରମ୍ଭ ହେଲେ ଦୁର୍ଦ୍ଦାନ୍ତ ମିନି ସିରିଏଲ କିଲର ଅମରଜିତଙ୍କ ଭୟାନକ କାହାଣୀ । ଅମରଜିତଙ୍କ ନିଜ ଗାଁରେ ହଠାତ୍ ୨ ଛୋଟ ଛୁଆଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ବେଳେ ଗାଁ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ । ଏହାର ରହସ୍ୟ ଉପରୁ ପରଦା ହଟି ନ ଥିବା ବେଳେ ପୁଣି ଏକ ଛୋଟ ଛୁଆର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା । ହତ୍ୟାକାରୀ ସମସ୍ତଙ୍କ ସାମନାରେ ନିର୍ବିଘ୍ନରେ ବୁଲୁଥିବା ବେଳେ କେହି ତାକୁ ଚିହ୍ନଟ କରି ପାରୁ ନ ଥିଲେ । ସେହିପରି ଉକ୍ତ ବର୍ଷ ହିଁ ଅମରଜିତର ୬ ମାସର ଭଉଣୀକୁ ହତ୍ୟା କରାଯାଇଥିଲା । ଛୋଟ ଭଉଣୀକୁ ଏକୁଟିଆ ପାଇ ଅମରଜିତ ଅତି ନିଷ୍ଠୁର ଭାବେ ତା' ତଣ୍ଟି ଓ ନାକ ଚିପି ତାକୁ ହତ୍ୟା କରିଥିଲା । ଗ୍ରାମବାସୀ ସନ୍ଦେହରେ ଅମରଜିତକୁ ପଚାରିବାରୁ ସେ ସବୁ ସତ କଥା ମାନି ଯାଇଥିଲା । ଏହାପରେ ଗୁଡ଼ାଇ ତୁଡ଼ାଇ ଅଧିକ ପଚରାପଚରି କରିବାରୁ କିଛି ଦିନ ମଧ୍ୟରେ ସେ କିପରି ୪ ଶିଶୁଙ୍କୁ ନିଷ୍ଠୁର ଭାବେ ମାରି ଦେଇଛନ୍ତି ତାହା ବଖାଣିଥିଲେ ।

ଖବର ପାଇ ପୁଲିସ୍ ପହଞ୍ଚି ଅମରଜିତକୁ ପଚରାପଚରି କରିବାରୁ ସେ ସବୁ ସତ କଥା ମାନି ଯାଇଥିଲା । ଏପରିକି ଅମରଜିତ କଥା ଶୁଣି ପୁଲିସ୍‌ର ମୁଣ୍ଡ ବୁଲାଇଥିଲା । କାରଣ ସେ କହିଥିଲା, ହତ୍ୟା କରିବା ଦ୍ୱାରା ମୋତେ ଖୁସି ମିଳିଥାଏ । ତେଣୁ ମୁଁ ସେମାନଙ୍କୁ ହତ୍ୟା କରିଛି । ସବୁଠୁ ଆଶ୍ଚର୍ଯ୍ୟ କଥା ନିଜ ଦୋଷକୁ ଗୋଟି ଗୋଟି ଅମରଜିତ ପୁଲିସ୍ ସମ୍ମୁଖରେ ସ୍ୱୀକାର କରିଥିବା ବେଳେ ସବୁ ଥର ପରେ ବିସ୍କୁଟ ଖାଇବାକୁ ମାଗୁଥିଲା । ଏହାପରେ ଅମରଜିତଙ୍କ କୋର୍ଟରେ ହାଜର କରାଯାଇଥିଲା । ସେଠାରୁ ତାକୁ ବାଳ ସ୍ୱଧାର ଗୃହକୁ ପଠାଇ ଦିଆଯାଇଥିଲା । ୧୬ ବର୍ଷ ବୟସରେ ଅମରଜିତକୁ ଜେଲ୍‌ରୁ ମୁକ୍ତି ମିଳିଥିବା ବେଳେ ସେ ଏବେ କେଉଁଠି କେଉଁ ପରିଚୟରେ ରହୁଛନ୍ତି ତାହା ସ୍ପଷ୍ଟ ହୋଇ ପାରିନି ।

## ସଂ ପା ଦ କୀ ୟ

### ଅର୍ଥନୀତି ଓ ବିକାଶର ବାସ୍ତବ ରୂପ

ଅତି ସରଳ ଭାବରେ ବୁଝାଇବାକୁ ଯାଇ ଗାନ୍ଧିଜୀଙ୍କର ଉକ୍ତି 'ଯାହା କିଛି କରିବା ବା କରାଯାଉଛି ତା'ର ସୁଫଳ ସମାଜର ସବୁ ଦୃଷ୍ଟିରୁ ଅବା ସବୁଥିରୁ ବଂଚିତ ଶେଷତମ ଲୋକ ପାଖରେ ପହଂଚିଥିବା ବିଚାରକୁ ଦୃଷ୍ଟିରେ ରଖି କରାଯାଇଛି କି ନାହିଁ ପରଖି ନେବା ଦରକାର'। ଏହି ଉକ୍ତି ଆଧୁନିକ ଭାରତ ବା ବର୍ତ୍ତମାନର ସ୍ଲୋଗାନ 'ନୂତନ ଭାରତର' ଶାସକମାନେ ବୁଝିଛନ୍ତି କି ନାହିଁ ବୁଝା ପଡୁନାହିଁ।

ପ୍ରତିଦିନ ବିକାଶର ଚିତ୍ର ବିଜ୍ଞାପିତ ହେଉଛି। ଭାରତ ବର୍ତ୍ତମାନ ତିନି ଲକ୍ଷ କୋଟି ଡଲାରର ଅର୍ଥନୀତି ଆଧାରରେ ବିଶ୍ୱରେ ୫ମ ଦେଶ ହେବାର ଗୌରବ ଅର୍ଜନ କରିଛି ବୋଲି ଫ୍ରାନ୍ସର ପ୍ରବାସୀ ଭାରତୀୟଙ୍କ ନିକଟରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ୍ କହିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ୨୦୨୭-୨୮ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥଶକ୍ତି ପାଲଟିବ। ଖୁବ୍ ଶୀଘ୍ର ବିକାଶ ପଥରେ ଭାରତ ବିଶ୍ୱର ଶୀର୍ଷତମ ସ୍ଥାନରେ ପହଂଚିବ ବୋଲି ଅତି ଦାମ୍ଭିକତାର ସହ ଗର୍ବୀତ ଶାସକଶ୍ରେଣୀ ପ୍ରଚାର କରି ଚାଲିଛନ୍ତି। ବିକାଶର ମାପକାଠି ଭାବେ ଧରି ନିଆଯାଉଥିବା ବାର୍ଷିକ ଅଭିବୃଦ୍ଧିହାର ମଧ୍ୟ ଅଧିକ ରହୁଥିବାର କଥା କୁହାଯାଇଛି। ଯଦିଓ ଗତ ୧୦ ବର୍ଷରେ ସମୃଦ୍ଧିହାର ବାର୍ଷିକ ହାରାହାରି ୫%ରୁ ଅଧିକ ଥିବା ଦେଖାଯାଉ ନାହିଁ ଏବଂ ୨୩-୨୪ ବର୍ଷରେ ଏହା ୫.୯% ରହିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମ୍ଏଫ୍ ପୂର୍ବନୁମାନ କରିଛନ୍ତି। ଦେଶର ଏହି ଅଭିବୃଦ୍ଧି ହାର ଯାହା ରହୁନା କାହିଁକି ମାତ୍ର ଶହେ ଜଣ ଅରବପତିଙ୍କ ଅଭିବୃଦ୍ଧି ଦୃତଗତିରେ ବଢୁଛି। ଆଦାନୀଙ୍କର ବାର୍ଷିକ ବୃଦ୍ଧିହାର ୧୩୫% ଥିବାବେଳେ ଅମ୍ବାନୀଙ୍କର ୧୫୪%। ସେମାନେ ବିଶ୍ୱର ଶ୍ରେଷ୍ଠତମ ସ୍ଥାନ ଅର୍ଥାତ୍ ପ୍ରଥମ, ଦ୍ୱିତୀୟ, ତୃତୀୟ ହେବା ଦୌଡ଼ରେ ରହିଛନ୍ତି। ବିଶ୍ୱର ପ୍ରଥମ ୧୦୦ ଜଣ ଧନିକଙ୍କ ମଧ୍ୟରେ ୭ ଜଣ ଭାରତୀୟ ସ୍ଥାନିତ ହେବାର ସୌଭାଗ୍ୟ ଲାଭ କରିପାରିଛନ୍ତି। ମାତ୍ର ୧୫ ଭାଗ ଲୋକଙ୍କ ପାଖରେ ଦେଶର ୮୫% ସଂପତ୍ତି ଠୁଳ ହୋଇଥିବାବେଳେ ୮୫ ଭାଗ ଲୋକଙ୍କ ପାଖରେ ମାତ୍ର ୧୫% ସଂପତ୍ତି ରହିଛି।

ଏହିପରି ଏକ ବିକାଶ ଦେଶବାସୀଙ୍କ ଆଗରେ ଉପସ୍ଥାପିତ କରାଗଲାବେଳେ ମଣିଷର ଯାହାସବୁ ଆବଶ୍ୟକ ଓ ସୁଖକର ଜୀବନ ନିର୍ବାହ କ୍ଷେତ୍ରରେ ସହାୟକ ହୋଇଥାଏ ସେସବୁର ପ୍ରାପ୍ତୀରେ ଭାରତ ବହୁତ ପଛରେ ପଡ଼ିଯାଇଛି। ଏଇବର୍ଷ ପ୍ରକାଶିତ ବିଶ୍ୱ ସୁଖୀ ସୂଚକାଙ୍କରେ ଦର୍ଶାଯାଇଛି ଯେ ଭାରତ ୧୨୫ତମ ସ୍ଥାନରେ ରହିଛି। ବାଂଲାଦେଶ, ଯୁଦ୍ଧରେ ଆକ୍ରାନ୍ତ ଓ ବିଧ୍ୱଂସ ୟୁକ୍ରେନଠାରୁ ବି ଭାରତ ପଛରେ ରହିଥିବା ଏହା ସୂଚନା ଦେଇଛି।

ସୁଖ ମାପ କରିବା ନିମନ୍ତେ ନିଆଯାଇଥିବା ବିଷୟ ଗୁଡ଼ିକ ମଧ୍ୟରେ ବ୍ୟକ୍ତିର ଆୟ, ନିରୋଗତା, ଆୟୁସ, (ମୋଟ ବଂଚିବାର ହାରାହାରୀ ବୟସ), ସାମାଜିକ ସହାୟତା, ସ୍ୱାଧୀନତା ଉପଲବ୍ଧି, ଶାସନ ଓ ସାମାଜିକ ବ୍ୟବସ୍ଥା ଉପରେ ବିଶ୍ୱାସ ଓ ଉଦାରତା ଆଦି ଅନ୍ତର୍ଭୁକ୍ତ। ଯେଉଁ ଦେଶରେ ଧର୍ମନ୍ୟାୟରେ ଲୋକଙ୍କୁ ବାନ୍ଧି ରଖିବାର ଅବା ଧର୍ମର କୋଠରୀରେ ଆବଦ୍ଧ କରିବା ଯେତେ କମ୍ ସେହି ରାଷ୍ଟ୍ର ସେତେ ଅଧିକ ସୁଖି ବୋଲି ମଧ୍ୟ ଗଣନାବେଳେ ଦେଖିବାକୁ ମିଳିଛି। ସବୁଠାରୁ ବେଶୀ ଦୁଃଖୀ ତାଲିକାରେ ବୁରୁଣ୍ଡି, କେନ୍ଦ୍ରୀୟ ଆଫ୍ରିକା ରିପବ୍ଲିକ୍, ଦକ୍ଷିଣ ସୁଦାନ, ରୁଆଣ୍ଡା, ସିରିଆ ଆଦି ଧାର୍ମିକ ଭୀରୁତାର ଶୀକାର ହୋଇଥିବା ଦେଶମାନେ ଥିବାର ଦେଖାଯାଇଛି।

ଏବେ ଭାରତ ଭିତର କଥା ବିଚାର କରାଯାଉ। ଏକ ବିଶେଷ ଦୃଷ୍ଟି ଆକର୍ଷଣକାରୀ କଥା ହେଉଛି ଭାରତର ଏପରି ସ୍ଥିତି ଭିତରେ ତା'ର ଦୁଇରାଜ୍ୟ ସୁଖପ୍ରାପ୍ତୀ ମାପକାଠିରେ ଆଗରେ ଅଛନ୍ତି। ଭାରତରେ ଥିବା ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ସିକ୍କିମ୍ ଓ କେରଳ ଦୁଇ ରାଜ୍ୟ ସୁଖପ୍ରାପ୍ତିରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କେରଳରେ ଦରିଦ୍ର ଲୋକଙ୍କ ସଂଖ୍ୟା ମାତ୍ର ୧%ର ପାଖାପାଖି। ଏଠି ଶାସନ ବ୍ୟବସ୍ଥା ଖୁବ୍ ଉଚ୍ଚକୋଟୀର। ତା'ର କାରଣ ହେଉଛି ଅତି ଉଚ୍ଚକୋଟିର ଗଣତାନ୍ତ୍ରିକ ବ୍ୟବସ୍ଥା, ଯେଉଁଥିରେ ଦୁଇଗୋଟି ଗଠବନ୍ଧନ (ବହୁ ଦଳୀୟ ସରକାର) ଏକ ଭାବଗତ ବନ୍ଧନରେ ବାନ୍ଧିହୋଇ ପ୍ରତି ପାଞ୍ଚ ବର୍ଷରେ ଅଦଳବଦଳ ହୋଇ ଗତ ୬୦ ବର୍ଷ ଧରି ଶାସନ କରି ଆସୁଛନ୍ତି। ଅବଶ୍ୟ ଏକ ବ୍ୟତିକ୍ରମ ଭାବେ ବର୍ତ୍ତମାନ ଶାସନ କରୁଥିବା ଏଲ୍‌ଡିଏଫ୍ ଏକାଦିକ୍ରମେ ଦୁଇଥର ଶାସନ କରିବାର ସୌଭାଗ୍ୟ ଅର୍ଜନ କରିଛି। ସରକାରରେ ବହୁଦଳର ଅଂଶ ଥିବା ହେତୁ ଓ ସବୁକଥା ବିତର୍କ ବିଚାର ଆଧାରରେ ସାବ୍ୟସ୍ତ ହେଉଥିବା ଦୃଷ୍ଟିରୁ ତୃଣମୂଳସ୍ତର ପର୍ଯ୍ୟନ୍ତ ଗଣତନ୍ତ୍ର ଉପଲବ୍ଧି ହୋଇପାରୁଛି। ଯେଉଁଥିପାଇଁ ପଞ୍ଚାୟତରାଜ ବ୍ୟବସ୍ଥା ଅତ୍ୟନ୍ତ ଉଚ୍ଚକୋଟୀର। ବିଏମ୍‌ଆଇରେ ଭାରତ ଯେତେବେଳେ ସମଗ୍ର ବିଶ୍ୱରେ ଦରିଦ୍ରତମ ଦେଶଭାବେ ୧୯୬ତମ ସ୍ଥାନରେ ରହିଥିବା ଦେଖାଯାଏ ସେହି ଭାରତରେ କେରଳର ସ୍ଥିତି ଖୁବ୍ ଉଚ୍ଚକୋଟୀର। ୨୦୨୧-୨୨ର ଆକଳନ ଅନୁସାରେ ସମଗ୍ର ପୃଥିବୀର ୧୯୧ଟି ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତର ସ୍ଥାନ ହ୍ୟୁମାନ ଡେଭଲପମେଣ୍ଟ ଇଣ୍ଡେକ୍ସରେ ୧୩୨ରେ ଥିବା ଦେଖାଯାଇଛି। ଭାରତ ପୂର୍ବ ବର୍ଷ ତୁଳନାରେ ତଳକୁ ଖସିଥିଲା। ଅର୍ଥାତ୍? ୧୯୨୦-୨୧ରେ ୧୩୧ତମ ସ୍ଥାନରେ ଥିବାବେଳେ ୨୦୨୧-୨୨ରେ ୧୩୨ତମ ସ୍ଥାନରେ ଖସିଥିଲା। ଭାରତର ୬୪୦ ଜିଲ୍ଲା ମଧ୍ୟରୁ ୩୧ଟି ଜିଲ୍ଲାରେ ଦାରିଦ୍ର୍ୟ ହାର ଏବେବି ୫୦%ରୁ ଅଧିକ ଅଛି। ଯେଉଁଥିରେ କେରଳର ଗୋଟିଏ ବି ଜିଲ୍ଲା ଅନ୍ତର୍ଭୁକ୍ତ ନୁହେଁ। ଏକଥା ଏଠାରେ ସ୍ୱଷ୍ଟ କରାଯାଇପାରେ ଯେ ଭାରତର ସ୍ଥିତି ବିଗିଡ଼ି ଯାଇଥିବାବେଳେ ସେହି ଭାରତର ଏକ ରାଜ୍ୟ ଖୁବ୍ ଭଲ ପ୍ରଦର୍ଶନ କରି ଆସୁଛି। ଅର୍ଥାତ୍ ଆଞ୍ଚଳିକ ବୈଷମ୍ୟ 'ଏକ ଦେଶ ଭାରତ'ର ବୈଶିଷ୍ଟ୍ୟକୁ ଦୁର୍ବଳ କରି ଗଢ଼ି ରଖିଛି।

ସଂଘୀୟ ସଂବିଧାନରେ ଭାରତର ଅନେକ ରାଜ୍ୟ ଅନେକ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଥିବାର କାରଣ ସବୁ ଖୋଜି ବାହାର କରିବା ସହିତ ଅନ୍ୟ ରାଜ୍ୟର ଦୁର୍ବଳତା, ରୁଗ୍ଣ ବ୍ୟବସ୍ଥାର ନିରାକରଣ, ନିଦାନ ପରିବର୍ତ୍ତେ 'ଏକ ଭାରତ, ସୁସ୍ଥ ଭାରତ', 'ଏକ ଦେଶ, ସମୃଦ୍ଧ ଦେଶ' ସ୍ଲୋଗାନ ଦେବା ଅବା ଭାରତର କିଛି ଧନାର୍ଢ୍ୟ ବ୍ୟକ୍ତିଙ୍କର ସମୃଦ୍ଧି ଅବା ଦ୍ରୁତଗତିରେ ବୃଦ୍ଧି ପାଉଥିବା ସଂପଦରାଶିକୁ ମିଶାମିଶି କରି ଦେଶର ବିକାଶ ଗଣିତ କଷିବା ଆଦୌ ସମିଚୀନ ନୁହେଁ। ପାଞ୍ଚ ଆଂଗୁଳି ସମାନ ନୁହେଁ, ଏହା ପ୍ରକୃତି ସୃଷ୍ଟ କହି ଯୁକ୍ତି ବାଢୁଥିବା ବ୍ୟକ୍ତିମାନେ ଜାଣିବା ଦରକାର ଯେ ଗୋଟିଏ ଆଙ୍ଗୁଠି ଦୁର୍ବଳ ଅବା ରୁଗ୍ଣ ହେଲେ ମୁଠାଶକ୍ତ ହୋଇ ନଥାଏ। ହାତଟିର କାର୍ଯ୍ୟ ଦକ୍ଷତା ଅତି ମାତ୍ରାରେ କମି ଯାଇଥାଏ। ସବଳ, ସୁସ୍ଥ ହାତ ଦକ୍ଷତାର ସହ ଯେଉଁ ଉତ୍ପାଦନର କ୍ଷମତା ପ୍ରାପ୍ତ ରୁଗ୍ଣ, ଅସୁସ୍ଥ ହାତ ତାହା ଦେଇ ନଥାଏ।

ପ୍ରକୃତି ମଧ୍ୟ ସବୁ ଅଞ୍ଚଳକୁ ସବୁ ସୌଭାଗ୍ୟ ସମଭାବରେ ବାଛି ଦେଇ ନଥାଏ। ଯେଉଁଥିପାଇଁ ଏହି ପ୍ରବନ୍ଧରେ କେରଳର କଥା ଉଦାହରଣ ଭାବେ ନିଆଯାଇଛି। କେବଳ ମାନବ ସମ୍ବଳକୁ ମୂଲ୍ୟଯୁକ୍ତ କରି ଓ ପ୍ରାଥମିକତା ଦେଇ ସୁଶିକ୍ଷିତ, ସୁସ୍ଥ ଶରୀର ଥାଇ ଏକ ଆତ୍ମନିର୍ଭରଶୀଳ ଦକ୍ଷ କାର୍ଯ୍ୟକ୍ଷମ ସମାଜ ସୃଷ୍ଟି କରିବାରେ ଖଣିଜ ସଂପଦ ରହିତ କେରଳ ଆଗୁଆ। ସବୁ ରାଜ୍ୟରେ ଥିବା ଭିନ୍ନ ଭିନ୍ନ ପ୍ରକୃତିଦତ୍ତ ସଂପତ୍ତି ଯଥା ଖଣିଜ ସଂପଦ, ବନଜ ସଂପଦ, ଜଳ ସଂପଦ, କୃଷି ସମ୍ପଦ ସହିତ ମାନବ ସମ୍ବଳର ସଂଯୋଗ କରି ବିକାଶ ପଥରେ ଚାଲିବା ଆରମ୍ଭ କଲେ ବୈଷମ୍ୟ ଲୋପ ପାଇବ ଔପନିବେଶୀୟ ଶୋଷଣ ଶେଷ ହେବ ଓ ସମଭାବରେ ସବୁ ଅଞ୍ଚଳ ତଥା ସବୁ ବର୍ଗର ଲୋକେ ବିକଶିତ ହୋଇପାରିବେ।

# ନିର୍ବାଚନ ରଣାଙ୍ଗନ ନୁହେଁ, ଏକ ସୁଯୋଗ

**ଜାନକୀଶ ବଡ଼ପଣ୍ଡା**

ସବୁବେଳେ ପ୍ରତିଯୋଗୀତା ସୁସ୍ଥ ଓ ମଙ୍ଗଳମୟ। ପ୍ରତିଯୋଗିତା କେବଳ ଭଲ ନୁହେଁ, ଏହା ମଧ୍ୟ ଏକ ସ୍ୱାଭାବିକ ପ୍ରକ୍ରିୟା। ଯୁଗଯୁଗ ଧରି ପ୍ରତିଯୋଗିତା ଓ ତାହାର ପରିଣାମ ଆମକୁ ଉନ୍ନତ, ଶକ୍ତିଶାଳୀ ଏବଂ ଅଧିକ ସଫଳ କରିବାରେ ସାହାଯ୍ୟ କରି ଆସିଛି। ବ୍ୟବସାୟ ଏବଂ ରାଜନୀତିରେ ପ୍ରତିଯୋଗିତା ଏକ ମନ୍ତ୍ର; ଯଦିଓ କେବଳ ପ୍ରତିଯୋଗିତା ଆଧାରରେ ମାନବ ସଭ୍ୟତା ବିକଶିତ ହୋଇନାହିଁ। ପାରସ୍ପରିକ ସହାନୁଭୂତି, ସାମାଜିକ ସମସ୍ୟାର ସମାଧାନ, ନୈତିକ ଶକ୍ତି ଆଧାରରେ ବିଚାରକରିବାର କ୍ଷମତା ମାନବ ପ୍ରଗତିର ମୂଳଦୁଆ ଭାବେ ରହିଆସିଛି। ପରସ୍ପରକୁ ଅନୁକରଣ କରିବା, ସହଯୋଗ କରିବା, ଶିଖିବା ଏବଂ ବୁଝିବା ପାଇଁ ଆମର ସାମର୍ଥ୍ୟକୁ ଆମେ ବିକଶିତ କରି ଆସିଛୁ।

ତଥାପି ଆମେ ସର୍ବସାଧାରଣରେ ପ୍ରଦାନ କରୁଥିବା ବକ୍ତବ୍ୟ କାରଣରୁ ଅଧିକାଂଶ ସମୟରେ ସହାନୁଭୂତି ଓ ସହଯୋଗ ବଦଳରେ ବିବାଦ ଓ ଘୃଣାର ସୂତ୍ରପାତ ହେଉଥିବାର ଦେଖାଯାଉଛି। ଏହାର ପ୍ରକୃଷ୍ଟ ଉଦାହରଣ ଖୋଜିବାକୁ ବେଶି ଦୂର ଯିବାକୁ ପଡ଼ିବନି। ଆମ ଦେଶରେ ଚାଲିଥିବା ଉପନିର୍ବାଚନ ଓ ବିଧାନସଭା ନିର୍ବାଚନ ପ୍ରଚାର ଓ ପ୍ରୟୋଗ କରାଯାଉଥିବା କୌଶଳ ଏହାର ଉଲ୍ଲେଖନୀୟ ଉଦାହରଣ। ଏବେ ନିର୍ବାଚନକୁ ଏକ ପ୍ରକାର ଯୁଦ୍ଧ ଭାବେ ସଭିଏଁ ଧରିନେଲା ଭଳି ମନେ ହେଉଛି। ନିର୍ବାଚନରେ ଜିଣିବା ପାଇଁ ଯେଉଁସବୁ ପନ୍ଥା ଆପଣେଇ ପ୍ରାର୍ଥୀମାନେ ପ୍ରଚାର କରୁଛନ୍ତି ଓ ଲୋକଙ୍କୁ ନିଜ ସପକ୍ଷରେ ମତଦାନ କରିବାକୁ ପ୍ରବର୍ତ୍ତାଉଛନ୍ତି ତାହାକୁ ସମସ୍ତେ କହୁଛନ୍ତି ରଣନୀତି! ନିର୍ବାଚନକୁ କୁହାଯାଉଛି ଯୁଦ୍ଧ ବା ରଣକ୍ଷେତ୍ର! ପ୍ରାର୍ଥୀମାନେ ନିଜକୁ ଭାବୁଛନ୍ତି ରଥୀ, ମହାରଥୀ। ଯୁଦ୍ଧ କୌଶଳ ପ୍ରସ୍ତୁତକର୍ତ୍ତାଙ୍କୁ କୁହାଯାଉଛି ରଣନୀତିକାର। ସତେ ଯେମିତି ରଣନୀତିକାରମାନେ ଭଗବାନ ଶ୍ରୀକୃଷ୍ଣ ଯେ କି ପ୍ରତ୍ୟକ୍ଷ ଭାବେ ନାହେଲେ ବି ପରୋକ୍ଷ ଭାବେ ଯୁଦ୍ଧରେ ଭାଗ ନେଇଛନ୍ତି। କୋଟି କୋଟି ଟଙ୍କା କୁରୁକ୍ଷେତ୍ରର ଧୂଳି ଭଳି ଆକାଶରେ ଉଡୁଛି। ଭୋଟ ପୂର୍ବରାତିରେ, ଅନ୍ଧାରି ବିଜେ, ବହୁ ପୂର୍ବ ରାତି ଗୁଡ଼ିକରେ ଭୋଜି, ମଦ୍ୟ ଓ ଅର୍ଥ ଆବଣ୍ଟନ ଏହି ରଣନୀତିର ନାନାଦି ବିଧ୍ୱଂସକାରୀ ବ୍ରହ୍ମାସ୍ତ୍ର ଓ ପାଶୁପତ ଅସ୍ତ୍ର ଭାବେ ପ୍ରୟୋଗ କରାଯାଉଛି, ସତେ ଯେମିତି ନିର୍ବାଚନ ଯୁଦ୍ଧରେ ବିଜୟ ହିଁ ଏକମାତ୍ର କାମ୍ୟ! କୁହାଯାଏ, ପ୍ରେମ ଏବଂ ଯୁଦ୍ଧରେ ସବୁକିଛି ନ୍ୟାୟପୂର୍ଣ୍ଣ। ନିର୍ବାଚନକୁ ରଣକ୍ଷେତ୍ର ମନେକରି ଯେତେବେଳେ ରାଜନେତାମାନେ ପରସ୍ପର ଉପରେ ବାକ୍ୟବାଣ ପ୍ରୟୋଗ କରନ୍ତି, ସତ୍ୟକୁ ବଙ୍କେଇ ଦେଇ ନିଜକୁ ସୁହାଇଲା ଭଳି ଭୁଲ ଉପସ୍ଥାପନ କରନ୍ତି, କଞ୍ଚା ମିଛକୁ ସତ ବୋଲି ବାରମ୍ବାର କହି ମତଦାତାଙ୍କ ଆଗରେ ସେମାନଙ୍କର ନିର୍ମଳ ଭାବମୂର୍ତ୍ତୀ ପ୍ରଦର୍ଶନ କରିବାକୁ ଲଜ୍ୟାବୋଧ କରନ୍ତି ନାହିଁ, ସେତେବେଳେ ନିର୍ବାଚନ ହିଁ ଯୁଦ୍ଧ।

ଗ୍ରୀକ ଦାର୍ଶନିକ ଆରିଷ୍ଟୋଟଲ୍ 'ଠିକଣା କାମ' କରିବାରେ ବିଶ୍ୱାସ କରୁଥିଲେ। ସେ ନିର୍ବୋଧଙ୍କ ଭଳି ଅନ୍ୟକୁ ଗାଳିଗୁଲଜ କରିବାର ଘୋର ବିରୋଧୀ ଥିଲେ। ନିର୍ବାଚନ ରାଜନୀତିକୁ ନିଜ ବ୍ୟକ୍ତିଗତ, ନିଜ ସମ୍ପ୍ରଦାୟ ଓ ଜନସାଧାରଣଙ୍କ ମଙ୍ଗଳ କରିବାର ରାସ୍ତା ବୋଲି ଭାବୁଥିଲେ। ରାଜନୀତିରେ ଥାଏ ପ୍ରାକୃତିକ ମହତ୍ତ୍ୱ। ଏପରି ଧାରଣା କିନ୍ତୁ ସମସାମୟିକ 'ରାଜନୀତି ବିଜ୍ଞାନ'ର ପରିଭାଷାଠାରୁ ଦୂରେଇ ଗଲାପରି ମନେ ହେଉଛି। ରାଜନୀତିରେ ନିର୍ବାଚନ ଏବେ 'ଯୁଦ୍ଧ' ପରି ଦୃଶ୍ୟମାନ। ଏହା ଆଉ 'ପ୍ରାକୃତିକ' ହୋଇ ରହିନାହିଁ। ଯଦି ରାଜନେତାମାନେ ନିଜ ମଧ୍ୟରେ ଅନୈତିକତାର ସର୍ବନିମ୍ନ ସ୍ଥାନ ଗ୍ରହଣ କରିନେବାକୁ ପ୍ରତିଯୋଗିତା କରିଚାଲିବେ; ରାଜନୈତିକ ଦୃଶ୍ୟପଟ ହିଁ ଏହିପରି ରହିବ, ପ୍ରାକୃତିକ ହେବାର ସମ୍ଭାବନା ମଉଳିଯିବ।

ନିର୍ବାଚନ ରାଜନୀତିରେ ରାଜନୈତିକ ଏବଂ ନୈତିକ ବିଚାରଗୁଡ଼ିକୁ ଅଭ୍ୟାସ କରିବାକୁ ପଡ଼େ। ନିର୍ବାଚନ କେବେ ହେଁ ଏକ ଯୁଦ୍ଧ ନୁହେଁ। ଗଣତନ୍ତ୍ରରେ ଦାୟିତ୍ୱ ନେବା, ନିଜର ନୀତିଗତ ସୀମା ସରହଦ ଜାଣିବା, ଜନସାଧାରଣଙ୍କ ଆବଶ୍ୟକତାକୁ ଭଲ ଭାବରେ ବୁଝିବା ଏବଂ ଜନସେବା କରି ସହାନୁଭୂତି ପାଇବା ପାଇଁ ଦକ୍ଷତା ଆଧାରରେ ନେତା ଚୟନ କରିବାର ଏକ ପ୍ରକ୍ରିୟା ହେଉଛି ନିର୍ବାଚନ।



**"ଯେତେବେଳେ ରାଜନୀତିକୁ ଯୁଦ୍ଧ ଭଳି ଚିନ୍ତା କରାଯାଏ, ବିରୋଧୀମାନେ ଶତ୍ରୁ ମନେହୁଅନ୍ତି। ସେମାନେ ଆଉ ସହକର୍ମୀ ହୋଇ ରହନ୍ତି ନାହିଁ କିମ୍ବା ଜନସାଧାରଣଙ୍କ ସେବା କରିବା ପାଇଁ ପ୍ରତିଯୋଗୀ ନରହି, ଉପଦ୍ରବକାରୀ କିମ୍ବା ଖରାପ ମଣିଷ ଭଳି ପ୍ରତୀୟମାନ ହୁଅନ୍ତି। ଲାଗେ, ସତେଯେମିତି ସେମାନଙ୍କୁ ଭାଙ୍ଗି ଧୂଳିସାତ କରିଦେବା ଦରକାର କିମ୍ବା ବିଲୋପ କରିଦେବା ଜରୁରୀ। ଏହା ହିଁ ବାସ୍ତବରେ ଯୁଦ୍ଧର ପ୍ରଥମ - ରଣ ଦୁନ୍ଦୁଭୀ ଓ ତୂର୍ଯ୍ୟନାଦ।**

ଯେତେବେଳେ ରାଜନୀତିକୁ ଯୁଦ୍ଧ ଭଳି ଚିନ୍ତା କରାଯାଏ, ବିରୋଧୀମାନେ ଶତ୍ରୁ ମନେହୁଅନ୍ତି। ସେମାନେ ଆଉ ସହକର୍ମୀ ହୋଇ ରହନ୍ତି ନାହିଁ କିମ୍ବା ଜନସାଧାରଣଙ୍କ ସେବା କରିବା ପାଇଁ ପ୍ରତିଯୋଗୀ ନରହି, ଉପଦ୍ରବକାରୀ କିମ୍ବା ଖରାପ ମଣିଷ ଭଳି ପ୍ରତୀୟମାନ ହୁଅନ୍ତି। ଲାଗେ, ସତେଯେମିତି ସେମାନଙ୍କୁ ଭାଙ୍ଗି ଧୂଳିସାତ କରିଦେବା ଦରକାର କିମ୍ବା ବିଲୋପ କରିଦେବା ଜରୁରୀ। ଏହା ହିଁ ବାସ୍ତବରେ ଯୁଦ୍ଧର ପ୍ରଥମ - ରଣ ଦୁନ୍ଦୁଭୀ ଓ ତୂର୍ଯ୍ୟନାଦ। ନିର୍ବାଚନ ଅଭିଯାନ କେବଳ ନେତା ବାଛିବାରେ ସୀମିତ ନୁହେଁ। ମତଦାତା ଯେତେବେଳେ ଥାଟବାଟ, ହେଲିକପ୍ଟରରେ ମାରାଥନ ପ୍ରଚାର, ରୋଡ଼ ସୋ, ଷ୍ଟାର ପ୍ରଚାରକଙ୍କ ସଭା ଓ ରଙ୍ଗୀନ ପ୍ରଚାର ମାଧ୍ୟମରେ ନେତାମାନଙ୍କ ଘୋଡ଼ା ଦୌଡ଼ ଉପରେ ଧ୍ୟାନ କେନ୍ଦ୍ରିତ କରିବସନ୍ତି, ନେତା ଓ ତାଙ୍କର ଦଳର ନିର୍ବାଚନ ଇସ୍ତାହାରକୁ ଅଣଦେଖା କରନ୍ତି, ନିର୍ବାଚନ କମିଶନ, ଆଇନ, ନିୟମ, ଆଦର୍ଶ ଆଚରଣ ବିଧି ଭଳି ସୁଚିନ୍ତିତ ଅନୁଷ୍ଠାନଗୁଡ଼ିକ ଛାଏଁ ଦୁର୍ବଳ ହୋଇଯାଏ। ନିର୍ବାଚନ ସମୟରେ ପ୍ରସଙ୍ଗଭିତ୍ତିକ, ଲୋକଙ୍କ ସମସ୍ୟା ଓ ସେସବୁର ସମାଧାନ ହେବାର ଆଶା ବିଷୟରେ ବିଶେଷ ଗୁରୁତ୍ୱପୂର୍ଣ୍ଣ, ଉଚ୍ଚକୋଟୀର ବିତର୍କ କିଛି ହୁଏ ନାହିଁ। କିନ୍ତୁ, କେବଳ 'କିଏ' ଶାସନ କରିବାକୁ ଯାଉଛନ୍ତି ନୁହେଁ ବରଂ ସେମାନେ 'କିପରି' ଆମକୁ ଶାସନ କରିବାକୁ ଯାଉଛନ୍ତି ତାହା ମଧ୍ୟ ଜାଣିବାକୁ ମତଦାତା ଆଶା କରନ୍ତି, ଏହା ଭୁଲିଗଲେ ଚଳିବନି।

ନିର୍ବାଚନ ପ୍ରଚାର କାହିଁକି ଆବଶ୍ୟକ? ଏହାର ଅନ୍ୟତମ ପ୍ରମୁଖ ସରଳ ଉତ୍ତର ହେଉଛି ଯେ, କ୍ଷମତାସୀନ ସରକାରମାନେ ସଂସଦ ଓ ବିଧାନସଭା ପ୍ରତି ଚରମ ଅବମାନନା କରିଥିବାରୁ ସେମାନଙ୍କ ପ୍ରତି ଦଣ୍ଡବିଧାନ କରିବା ପାଇଁ ନିର୍ବାଚନ ଏକ ମହତ୍ତର ଗାଣତାନ୍ତ୍ରିକ ସୁଯୋଗ ପ୍ରଦାନ କରିଥାଏ। ସରକାରମାନେ ଭାବିନେଇଥାନ୍ତି ଯେ, ରାଜନୀତିରେ ସତ୍ୟ ଅଲୋଡ଼ା, ଅନାବଶ୍ୟକ ତଥା ନିରୁଦ୍ଦିଷ୍ଟ। ଆହୁରି ମଧ୍ୟ ସେମାନେ ଭାବିନେଇଥାନ୍ତି ଯେ, ସଂଖ୍ୟାଧିକ ସଦସ୍ୟ ଥିବାରୁ, ବିରୋଧୀଙ୍କ ମତାମତ ଅନାବଶ୍ୟକ। କ୍ଷମତା ଆହରଣ ସରକାରୀ ବ୍ୟବସ୍ଥାର ଏକ ଅନ୍ତର୍ନିହିତ ତଥା ଅପରିହାର୍ଯ୍ୟ ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ସରକାରୀ କର୍ମଚାରୀଙ୍କୁ 'ହାତୀ ନେ, ଛତି ନେ, ମୋ ପେଁକାଳି ବଜେଇ ଦେ' କହି ମଣକରି ରଖିବାଠୁ ଆରମ୍ଭ କରି ହୁଇସିଲ ବଜାଇ ଦେଶବାସୀଙ୍କୁ ଆଗୁଆ ସତର୍କ କରୁଥିବା ସାମାଜିକ କର୍ମୀଙ୍କୁ ଦମନ କରିବା ଯାଏଁ ଏବଂ ଉତ୍ତରଦାୟିତ୍ୱ ନେବାର ସମୟ ଆସିଲେ, ଶୀତଳ ନିଦ୍ରାରେ ଶୋଇଯିବା ସରକାରଙ୍କ ପାଇଁ ଅତି ମାମୁଲି କଥା।

ସରକାର ଗଢିଥିବା ନେତାଙ୍କ ରାଜନୈତିକ ହଟଚମଟ ଦେଖି ଦେଖି ଓ ତାହାର ପରିଣାମ ଭୋଗି ଥକି ପଡ଼ିଥିବା ଜନସାଧାରଣ ନିଜର ଅସନ୍ତୋଷ ବ୍ୟକ୍ତ କରିବା ପାଇଁ ନିର୍ବାଚନ ଏକ ଚମତ୍କାର ସୁଯୋଗ। ପାଟିରୁ ବାହାରି ଯାଇଥିବା ଶବ୍ଦ ଓ ବନ୍ଧୁକରୁ ବାହାରି ଯାଇଥିବା ଗୁଳି ଭଳି ଆକ୍ରମଣାତ୍ମକ ରାଜନୀତିର ଧାରା ପ୍ରତ୍ୟାବର୍ତ୍ତନଯୋଗ୍ୟ ନୁହେଁ। ଆମେ ଆମର ସାମୂହିକ ଯୋଗ୍ୟତା ଅନୁଯାୟୀ ରାଜନେତାମାନଙ୍କୁ ପାଇଥାଉ। ଅଧିକ ଯୋଗ୍ୟତା ସମ୍ପନ୍ନ ରାଜନେତା ନିର୍ବାଚିତ କରିବାକୁ ଯୋଗ୍ୟତା ଅର୍ଜନ କରିସାରିଛୁ ବୋଲି ଆମେ ଭାବୁଥିଲେ, ଏହି ନିର୍ବାଚନ ବେଳେ ହିଁ ଆମକୁ ରାଜନୈତିକ ଜୀବନର ଆଭିମୁଖ୍ୟ ବିଷୟରେ ଟିକିଏ ଅଧିକ ସମ୍ବେଦନଶୀଳ ଅଥଚ କଠୋର ଆଭିମୁଖ୍ୟ ପ୍ରକାଶ କରିବାକୁ ପଡ଼ିବ।

ଦେଖାଯାଉଛି ଯେ, ଆମେ ଯେପରି ଘୃଣା ଓ ନିମ୍ନ ରୁଚିର ଆଚରଣ ଓ ଉଚ୍ଚାରଣକୁ ଉତ୍ସାହିତ କରୁଛେ। ଯେତେବେଳେ ଆମେ 'ନାଗରିକ ସମାଜ'ର ମାଙ୍ଗଳିକ ମାନଦଣ୍ଡରେ ନିଜର ବକ୍ତବ୍ୟକୁ ସମତୁଳ ରଖିବାରେ ବିଫଳ ହେଉ, ବୀଭତ୍ସତାକୁ ବଳ ମିଳେ। ଆପଣମାନଙ୍କର ମନେ ଥାଇପାରେ ଯେ କିଛି ବର୍ଷ ତଳେ, ବିଭିନ୍ନ ଦେଶର ଦୁର୍ନୀତି ପରାୟଣ ରାଜନେତାଙ୍କ କଳା କାରନାମାକୁ ପ୍ରଘଟ କରି ଦେଇଥିବା 'ୱିକି ଲିକ୍ସ'ର ପ୍ରତିଷ୍ଠାତା ଜୁଲିୟାନ୍ ଆସେଞ୍ଜଙ୍କ ହତ୍ୟା ପାଇଁ ଟେଲିଭିଜନ ମାଧ୍ୟମରେ ଆହ୍ୱାନ ଦିଆ ଯାଇଥିଲା। ଏହା ରାଜନୀତିରେ ଘୃଣା ଓ ନିମ୍ନ ରୁଚି ଉଚ୍ଚାରଣର ଛୋଟିଆ ଉଦାହରଣ ମାତ୍ର। ଏଠାରେ ପ୍ରଖ୍ୟାତ ଔପନ୍ୟାସିକ, ପୂର୍ବତନ ସାଂସଦ ତଥା ସାମ୍ବାଦିକ ସୁରେନ୍ଦ୍ର ମହାନ୍ତିଙ୍କ କାଳଜୟୀ ଉପନ୍ୟାସ ନୀଳଶୈଳର କିଛି ପଂକ୍ତି ଉଦ୍ଧାର କରିବାର ଲୋଭ ସମ୍ବରଣ କରିପାରୁନାହିଁ। ପ୍ରଥମଟି ହେଲା: 'ରାଜନୀତି ସୁବିଧାବାଦର ଏକ ମହାରଣ୍ୟ – ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହେଲା ସେଠାରେ ଏକମାତ୍ର ଧର୍ମ।' ଦ୍ୱିତୀୟଟି ହେଲା, 'ରାଜନୀତି ଅତି ପବିତ୍ର! ବେଶ୍ୟାର ପ୍ରଣୟ ଅଥବା ଜହ୍ନର ଛାଇରେ ବରଂ କେତେକ ସ୍ଥିରତା ଥାଇପାରେ; ମାତ୍ର କ୍ଷମତା ରାଜନୀତିରେ ବନ୍ଧୁତ୍ୱ ଓ ବୈରତ୍ୱ ଚଲାମେଘ ପରି ଅସ୍ଥିର!'

ଏମିତି ଏକ ଦାରୁଣ ଦିନ ଆସିଥିଲା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ। ଜୁଲିଅସ୍ ସିଜରଙ୍କୁ ରୋମ୍‌ର ସିନେଟ୍‌ରେ ସଭ୍ୟମାନଙ୍କ ସମ୍ମିଳିତ ଆକ୍ରମଣର ସାମ୍ନା କରିବାକୁ ପଡ଼ିଥିଲା। ସିଜର ଥିଲେ ଅନମନୀୟ ମହାବୀର। ତାଙ୍କର ଅନ୍ତିମ ମୁହୂର୍ତ୍ତ ଆସିଥିଲା ଠିକ୍ ସେତିକିବେଳେ, ଯେତେବେଳେ ତାଙ୍କ ପୃଷ୍ଠଭାଗ ସ୍ପର୍ଶ କରିଥିଲା ପ୍ରିୟତମ ବନ୍ଧୁର ଶାଣିତ ଛୁରିକା। ପ୍ରିୟବନ୍ଧୁଙ୍କୁ ଏଭଳି ଭୂମିକାରେ ଦେଖିଦେଇ ସେ ଗଭୀର ଦୁଃଖରେ ତଳେ ଥୋଇଦେଲେ ଅସ୍ତ୍ର। ଶେଷ ଦୁଇତିନୋଟି ଶବ୍ଦ ଥିଲା ସ୍ୱତଃସ୍ଫୂର୍ତ୍ତ – ଓଃ! ୟୁ 'ବ୍ରୁଟସ୍?' ...ବ୍ରୁଟ୍?..! ରାଜନୈତିକ ସଭ୍ୟତାର ଏଭଳି ସକରୁଣ ସ୍ମୃତି ସବୁ ଉତ୍ପୀଡ଼କ ଉପହାର। ଏ ଉପହାର ଆମ ମଣିଷ ସମାଜକୁ ଚକ୍ରବ୍ୟୂହର ଚରିତ୍ରମାନଙ୍କ ପକ୍ଷରୁ ଗୋଟିଏ ଗୋଟିଏ ପ୍ରଚଣ୍ଡ ପ୍ରହାର! ତଥାପି, ଆଶାବାଦର ଜାଗ୍ରତ ପ୍ରହରୀ ହେଲେ ଆମର ରାଜନେତା। ନିର୍ବାଚନ ପ୍ରଚାର ଏକ ମୁକ୍ତ ଏବଂ ଖୋଲା ଆଲୋଚନା ପାଇଁ ସୁଯୋଗ; ଯେଉଁଠି, ପ୍ରତ୍ୟେକ ପ୍ରାର୍ଥୀ, ନିଜ ନିର୍ବାଚନ ମଣ୍ଡଳୀର ମତଦାତାଙ୍କ ଆଗରେ ବିଗତ ବର୍ଷର ସରକାର ନିଜର ନିର୍ବାଚନ ପ୍ରତିଶୃତି ପୂରଣ କରିବାରେ କେତେ ସଫଳ କିମ୍ବା ବିଫଳ, ତାହା ଦର୍ଶାଇବାର ସୁଯୋଗ ପାଆନ୍ତି। ତାହାଛଡ଼ା, ତାଙ୍କୁ ନିର୍ବାଚିତ କଲେ, ସେ କଣ ସବୁ ଜନମଙ୍ଗଳକର କାମ ସବୁ କରିବେ ଓ ଆବଶ୍ୟକୀୟ ଆଇନ ପ୍ରଣୟନ କରିବେ, ତାହା ବଖାଣିବାର ଏକ ସୁଯୋଗ ଦିଏ ନିର୍ବାଚନ ପ୍ରଚାର ଅଭିଯାନ। ଏଥିପାଇଁ ପ୍ରାର୍ଥୀମାନେ ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମର ସାହାରା ନେବା ସଙ୍ଗେ ସଙ୍ଗେ ସାଧାରଣ ସଭା, ରୋଡ଼ ସୋ, ପଥପ୍ରାନ୍ତ ସଭା, ବ୍ୟକ୍ତିଗତ ସମ୍ପର୍କ ମାଧ୍ୟମରେ ମତଦାତା ମାନଙ୍କୁ ପ୍ରଭାବିତ କରନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଧାରିତ ଖର୍ଚ୍ଚ ସୀମା ଭିତରେ ଆଦର୍ଶ ନିର୍ବାଚନ ଆଚରଣବିଧି ପାଳନ କରି ପ୍ରଚାର କରିବା ଗଣତନ୍ତ୍ର ପାଇଁ ଏକ ଶୁଭ ଲକ୍ଷଣ। କିନ୍ତୁ ତାହା ଦେଖିବାକୁ ମିଳୁନାହିଁ। ପ୍ରାର୍ଥୀ ନିଜର ଖର୍ଚ୍ଚକୁ ସୀମା ମଧ୍ୟରେ ରହିଥିବାର ମିଥ୍ୟା ତଥ୍ୟ ପ୍ରଦାନ କରୁଛନ୍ତି ଓ ତାଙ୍କର ଦଳ ପକ୍ଷରୁ ଅପରିସୀମ ଖର୍ଚ୍ଚ କଲେ, ତାହା ଆଇନତଃ ଠିକ ମନେକରାଯାଉଛି। କ୍ରମେ, ନିର୍ବାଚନ ପ୍ରଚାର କେବଳ ଅଧିକ ଖର୍ଚ୍ଚ ସାପେକ୍ଷ ହୋଇ ରହିନାହିଁ, ବରଂ ନିର୍ବାଚନ ହିଂସା ସଚରାଚର ଦେଖିବାକୁ ମିଳୁଛି।

ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଲା ସହନଶୀଳ ସରକାର ଓ ସଶକ୍ତ ବିରୋଧୀ ଦଳ। ସରକାର ଗଠନମୂଳକ ସମାଲୋଚନାକୁ ଗୁରୁତ୍ୱ ଦେଇ ନିଜର ତୃଟି ବିଚ୍ୟୁତିକୁ ସୁଧାରିନେଲେ ଗଣତନ୍ତ୍ର ପୁଷ୍ଟ ହୁଏ। ଆମେ ଏବେ ଯେଉଁ ଗାଣତାନ୍ତ୍ରିକ ବ୍ୟବସ୍ଥାରେ ଅଛେ, ତାହାକୁ ହଠାତ ବଦଳେଇଦେବା ଅତ୍ୟନ୍ତ କଠିନ। ନିର୍ବାଚନର ଠିକ ପୂର୍ବରୁ ନେତାଙ୍କ ଦଳ ବଦଳ, ସରକାରୀ କଳର ଖୋଲାଖୋଲି ଅପବ୍ୟବହାର, ନିର୍ବାଚନ କମିଶନଙ୍କ ପକ୍ଷରୁ ନିରପେକ୍ଷତାର ଅଭାବ, ମତଦାତାଙ୍କ ମତ କିଣିନେବାର ହୀନ ଚକ୍ରାନ୍ତ – ଏସବୁ କେବେ ବି ରଣନୀତି ନୁହେଁ। ଏସବୁକୁ ଆମେ କହିପାରିବା ସୁବିଧାବାଦର ମହାରଣ୍ୟ – ଯେଉଁଠି ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହିଁ ମୂଳ। ଯୁଦ୍ଧରେ ବିଜୟୀ ହେବା କିମ୍ବା ବୀରଗତି ପ୍ରାପ୍ତହେବା ଉଭୟେ ଶ୍ରେୟ ମନେକରାଯାଉଥିଲା ବେଳେ ନିର୍ବାଚନରେ କଳେ, ବଳେ, କୌଶଳେ ବିଜୟଲାଭ ଏକମାତ୍ର ଲକ୍ଷ୍ୟ। ତେବେ ଯିଏ ବି ସରକାର ଗଢ଼ନ୍ତୁନା କାହିଁକି, ସେହି ସରକାର ଉପରେ ସତର୍କ ପ୍ରହରୀ ଭାବେ ଗଠନମୂଳକ ନଜର ରଖିବା ନାଗରିକ ସମାଜର କାମ। ସରକାର ଯେପରି ସହନଶୀଳତାର ସହିତ ଭିନ୍ନ ମତକୁ ସମ୍ମାନ କରିବେ ଓ ଦେଶର ସମ୍ବିଧାନ ଓ ଆଇନ ମାନି ଶାସନ କରିବାକୁ ବାଧ୍ୟ ହେବେ, ତାହା ନିଶ୍ଚିତ କରିବା ବିରୋଧୀଦଳମାନଙ୍କ କାମ। ସେଥିପାଇଁ ନିର୍ବାଚନକୁ ଯୁଦ୍ଧ ନୁହେଁ, ଏକ ସୁଯୋଗ ଭାବେ ଗ୍ରହଣ କରିବାକୁ ଆଗାମୀ ଦିନର ଶିକ୍ଷିତ ଯୁବ ରାଜନେତାମାନେ ପ୍ରୟାସ କରିବାକୁ ପଣ କରନ୍ତୁ; ଯେପରି ଆମର ବହୁ ପରୀକ୍ଷିତ ସାମାଜିକ ସହାବସ୍ଥାନ ଓ ଜାତୀୟ ସଂହତିରେ ଛିଦ୍ର ସୃଷ୍ଟି ସୃଷ୍ଟି ହେବନାହିଁ।

ଫୋ- ୯୪୩୮୨୯୯୦୩୭

# କର୍ଣ୍ଣାଟକରେ ଜେଡିଏସ୍ ହେବ କି କିଙ୍ଗମେକର ?

**ସୂର୍ଯ୍ୟମଣି ମିଶ୍ର**

କର୍ଣ୍ଣାଟକ କଂଗ୍ରେସ ଏବେ ବିଜୟ ଭଙ୍ଗୀରେ। ଅତି କମରେ ଏହି ଦଳର ନେତାଙ୍କ ଦେହର ଭାଷା ଏହି ଦିଶାରେ। ଏହି ଦଳ ଯେଉଁ ଦଳକୁ ହରାଇବାକୁ ଚାହୁଁଛି ସେ ଦଳ କମ୍ ଖେଳାଳୀ ନୁହଁ। ମେସିନାରି କାହା ପାଖରେ କମ୍ କାହା ପାଖରେ ବେଶୀ ଏହା ମଧ୍ୟ ଚର୍ଚ୍ଚାର ବିଷୟ। ଷଡ଼ଯନ୍ତ୍ର ରଚୁଥିବା ଖେଳାଳୀ ପ୍ରତିଦିନ ନୂଆ ନୂଆ ବ୍ୟୁହ ନିର୍ମାଣ କରୁଛନ୍ତି। ଏହି ବ୍ୟୁହ ଭାଙ୍ଗିବାରେ କଂଗ୍ରେସ ସଫଳ ହେବ କି ନାହିଁ ତାହା ଅଲଗା କଥା, କିନ୍ତୁ ଅତି ଆତ୍ମ ବିଶ୍ୱାସରେ କଂଗ୍ରେସ ଏବେ ବୁଡ଼ିଯାଇଛି।

ବାଙ୍ଗାଲୋରର ଗୋଟିଏ ସର୍ଭେ କମ୍ପାନୀ 'ଏଡ଼ିନା କମ୍ୟୁନିଟି' କିଛି ଦିନ ପୂର୍ବରୁ ଗୋଟିଏ ମେଗା ସର୍ଭେ କରିଥିଲା। ଯେଉଁ ସର୍ଭେରେ ୨୨୪ ସଦସ୍ୟ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ୧୩୪ରୁ ୧୪୦ ଆସନ ମିଳିବ ବୋଲି ପୂର୍ବାନୁମାନ କରିଛି। ବିଜେପିକୁ ୫୭ରୁ ୬୫ ଆସନ ମିଳିପାରେ ବୋଲି ଏହି ସର୍ଭେ ସଂସ୍ଥା ଅନୁମାନ କରିଛି। ସର୍ଭେ ପାଇଁ ଏହି ସଂସ୍ଥା ୧ ହଜାର ସିଟିଜେନ୍ ଜର୍ଣ୍ଣାଲିଷ୍ଟଙ୍କୁ ନିଯୁକ୍ତି କରିଥିଲା। ୨୦୪ ବିଧାନସଭା କ୍ଷେତ୍ରର ୪୧ ହଜାର ୧୬୯ ମତଦାତାଙ୍କ ସହ କଥାବାର୍ତ୍ତା କରିଥିଲେ ଏହି ଜର୍ଣ୍ଣାଲିଷ୍ଟ ଦଳ। ଏହା ପରେ ସଂଗୃହୀତ ତଥ୍ୟକୁ ଡାଟା ବ୍ୟାଙ୍କରେ ରଖିଥିଲେ। ଏହାକୁ ନେଇ ଅନୁଶୀଳନ କରାଯାଇଥିଲା। କର୍ଣ୍ଣାଟକର ଭୋଟର କଣ ଚିନ୍ତା କରୁଛନ୍ତି, ଏ ସଂପର୍କରେ ଏହି ସର୍ଭେ ସଂସ୍ଥା ଗୁରୁତ୍ୱ ଦେଇଥିଲା। କର୍ଣ୍ଣାଟକର ମୋଟ ଜନସଂଖ୍ୟାର ୨୩ ପ୍ରତିଶତ ଅତି ଗରିବଙ୍କ ମଧ୍ୟରୁ ୪୮ ପ୍ରତିଶତ ଭୋଟର କଂଗ୍ରେସକୁ, ୨୮ ପ୍ରତିଶତ ବିଜେପିକୁ ଏବଂ ୧୫ ପ୍ରତିଶତ ଜେଡିଏସକୁ ଭୋଟ ଦେଇପାରନ୍ତି ବୋଲି ଏହି ସର୍ଭେ ସଂସ୍ଥା ଅନୁମାନ କରିଛି। ଏଡ଼ିନା କମ୍ୟୁନିଟି ସର୍ଭେ ଅନୁସାରେ କର୍ଣ୍ଣାଟକର ମଧ୍ୟବିତ୍ତ ଶ୍ରେଣୀ ରାଜ୍ୟର ମୋଟ ଜନସଂଖ୍ୟାର ୨୬ ପ୍ରତିଶତ। ଏହି ଶ୍ରେଣୀର ୩୭ ପ୍ରତିଶତ ଲୋକ କଂଗ୍ରେସ ସପକ୍ଷରେ ମତଦେବେ ବୋଲି ଅନୁମାନ କରାଯାଇଛି। ଅତି ଗରିବଙ୍କ ମଧ୍ୟରୁ ଉପରେ ଥିବା ଗରିବଙ୍କ ଭୋଟରଙ୍କ ମଧ୍ୟରୁ ୪୬ ପ୍ରତିଶତ ଭୋଟ ସେୟାର କଂଗ୍ରେସକୁ ଯାଇପାରେ, ବିଜେପିକୁ ୩୨ ପ୍ରତିଶତ ଏବଂ ଜେଡିଏସକୁ ୧୫ ପ୍ରତିଶତ ଭୋଟ ମିଳିପାରେ।

ଲୋୟର ମିଡିଲ୍ କ୍ଲାସ ଭୋଟରଙ୍କ ମଧ୍ୟରୁ ୩୭ ପ୍ରତିଶତ ଭୋଟ କଂଗ୍ରେସ ସପକ୍ଷରେ, ୩୬ ପ୍ରତିଶତ ଭୋଟ ବିଜେପି ସପକ୍ଷରେ ଏବଂ ୧୮ ପ୍ରତିଶତ ଭୋଟ ସେୟାର ଜେଡିଏସ୍? ସପକ୍ଷରେ ଯାଇପାରେ ବୋଲି ଏହି ସର୍ଭେ ସଂସ୍ଥା ପକ୍ଷରୁ ଅନୁମାନ କରାଯାଇଛି। ଲୋୟର ମିଡ଼ିଲ୍ କ୍ଲାସ ଉପରେ ଥିବା ୧୦ ପ୍ରତିଶତ ମିଡିଲ୍ କ୍ଲାସ ଭୋଟରଙ୍କ ମଧ୍ୟରୁ ୩୭ ପ୍ରତିଶତ ଭୋଟ କଂଗ୍ରେସ ଆଡ଼କୁ, ୩୮ ପ୍ରତିଶତ ଭୋଟ ବିଜେପି ଆଡ଼କୁ ଏବଂ ୧୮ ପ୍ରତିଶତ ଭୋଟ ଜେଡ଼ିଏସ୍ ସପକ୍ଷରେ ଯାଇପାରେ। କର୍ଣ୍ଣାଟକର ଅପର ମିଡିଲ୍ କ୍ଲାସ ଭୋଟରଙ୍କ ମଧ୍ୟରୁ ୪୧ ପ୍ରତିଶତ ବିଜେପି ସପକ୍ଷରେ, ୩୭ ପ୍ରତିଶତ କଂଗ୍ରେସ ସପକ୍ଷରେ ଏବଂ ୨୦ ପ୍ରତିଶତ ଜେଡ଼ିଏସ୍ ସପକ୍ଷରେ ଯାଇପାରେ ବୋଲି କୁହାଯାଇଛି। ଏଡ଼ିନା କମ୍ୟୁନିଟିର ସର୍ଭେରେ ମିଡ଼ିଲ୍ କ୍ଲାସ ଏବଂ ଅପର ମିଡ଼ିଲ୍ କ୍ଲାସର ଭୋଟ ୧୪ ପ୍ରତିଶତରୁ ଅଧିକା ବିଜେପି ସପକ୍ଷରେ ଯାଇପାରେ। ଏହି ଶ୍ରେଣୀର ଭୋଟର ଅଧିକ ଭାବେ ବିଜେପିକୁ ପସନ୍ଦ କରିଛନ୍ତି। କିନ୍ତୁ ୬୩ ପ୍ରତିଶତ ଭୋଟର ଏଥର କଂଗ୍ରେସ କ୍ଷମତାକୁ ଆସୁ ବୋଲି ମନ ବଳାଇଛନ୍ତି। କଂଗ୍ରେସ ଏହା ମଧ୍ୟରେ କର୍ଣ୍ଣାଟକବାସୀଙ୍କୁ ୪ଟି ଗ୍ୟାରେଣ୍ଟି ଦେଇଛି। ପ୍ରଥମତଃ ୨୦୦ ୟୁନିଟ ଯାଏ ମାଗଣା ବିଜୁଳି, ୧୦ କେଜି ମାଗଣାରେ ଚାଉଳ, ଯୁବକଙ୍କୁ ବେକାରି ଭତ୍ତା ଏବଂ ଯେଉଁ ଗରିବ ଘରର ମୁଖ୍ୟ ମହିଳା ତାଙ୍କୁ ଆର୍ଥିକ ସହାୟତାର ଗ୍ୟାରେଣ୍ଟି। ବିଜେପି ମଧ୍ୟ କର୍ଣ୍ଣାଟକବାସୀଙ୍କୁ ପ୍ରତିଶ୍ରୁତି ଦେଇଛି ଯେ, ଦଳ କ୍ଷମତାକୁ ଆସିଲେ ୟୁନିଫର୍ମ ସିଭିଲ୍ କୋଡ଼ କାର୍ଯ୍ୟକାରୀ କରିବ, ସମସ୍ତ ୱାର୍ଡ଼ରେ ଅଟଳ ଆହାର କେନ୍ଦ୍ର ଖୋଲିବ, ପ୍ରତ୍ୟେକ କୃଷକଙ୍କୁ ବିହନ କ୍ରୟ ପାଇଁ ବାର୍ଷିକ ୧୦ ହଜାର ଟଙ୍କା ପ୍ରଦାନ କରିବ ଏବଂ ବିପିଏଲ୍ ପରିବାରକୁ ମାଗଣାରେ ରୋଷେଇ ସିଲିଣ୍ଡର ଦେବ।

(କ୍ରମଶଃ...)

ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର
ଫୋନ୍- ୯୪୩୮୦୦୬୨୧୫

# ଘର ଉପରେ ନାହିଁ ତଥାପି ଦୁଇଥର ହୋଇଛନ୍ତି ସରପଞ୍ଚ

କୁହାଯାଏ ଆଜିର ଦୁନିଆରେ ଆଦର୍ଶର ମୂଲ୍ୟ ଶୂନ। ଟଙ୍କା ନଖଟାଇଲେ ନିର୍ବାଚନ ଜିତି ହେବନି। ହେଲେ ଏହାକୁ ଭୁଲ ପ୍ରମାଣିତ କରିଛନ୍ତି। ଦୁଇ ଥର ହୋଇଛନ୍ତି ସରପଞ୍ଚ। ସେ ନିହାତି ଗରିବ। ସମ୍ପତ୍ତି କହିଲେ ଗୋଟିଏ ଭଙ୍ଗା ଚାଳ ଘର। ଦୁଇ ହଳ ପ୍ୟାଣ୍ଟ ସାର୍ଟ, ଦୁଇଟି ଲୁଙ୍ଗି, ଗୋଟିଏ ଗାମୁଛା, ଗୋଟିଏ ଫ୍ୟାନ୍ ଓ ଗୋଟିଏ ପୁରୁଣା ସାଇକେଲ। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକର ଆଦିବାସୀ ଅଧ୍ୟୁଷିତ କେରଜୋଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଚ୍ୟୁତାନନ୍ଦ ପ୍ରଧାନଙ୍କ ଏହି ସଫଳତା ଓ ଏହା ଭିତରେ ଲୁଚିଥିବା ଦୁଃଖଦ ଚିତ୍ରକୁ ଯେକେହି ଦେଖିବ ତାଜୁବ୍ ହେବ। ହେଲେ ସେ ଏଥିପାଇଁ ଦୁଃଖି ନୁହଁନ୍ତି। ସବୁବେଳେ ହସହସ ମୁହଁ। ପ୍ରତିଦିନ ସକାଳ ହେବା ମାତ୍ରେ ଦୈନନ୍ଦିନ କାମ ସାରି ସାଇକେଲରେ ସେ ବାହାରି ପଡ଼ନ୍ତି ତାଙ୍କ ପଞ୍ଚାୟତର ଲୋକଙ୍କ ସୁଖଦୁଃଖ ବୁଝିବାକୁ। ଲୋକଙ୍କ ସମସ୍ୟା ଧରି ପ୍ରଶାସନିକ କାର୍ଯ୍ୟାଳୟରେ ପହଞ୍ଚି ଯଥା ସମ୍ଭବ ସମାଧାନ କରିବାକୁ ଚେଷ୍ଟା କରନ୍ତି।

ସେ ଅବିବାହିତ। ଲୋକଙ୍କ ସେବାକୁ ନିଜର ବ୍ରତ ବୋଲି ପାଥେୟ କରି ଅଧା ବୟସ ବିତିଲାଣି। ତଥାପି ହାରି ନାହାଁନ୍ତି ସେ। ଆଖିରେ ଆଖିଏ ସ୍ୱପ୍ନ, ମନରେ ଅନେକ ଆଶା ଓ ଆକାଂକ୍ଷା। ଛାତିରେ ରହିଛି ପ୍ରଗାଢ ଦମ୍ଭ ଏବଂ ପ୍ରକାଶିତ ହୋଇଚାଲିଛି ନୂଆ ଏକ ସମ୍ଭାବନା। ତାଙ୍କ ଆଗରେ ତୁଚ୍ଛ ହୋଇଛି ସଂସାରର ମୋହ। ସେ ଦୁଇ ଦୁଇ ଥର ସରପଞ୍ଚ ହୋଇ ମଧ୍ୟ ଘର ଖଣ୍ଡିଏ କରି ପାରିନାହାଁନ୍ତି।

ପାଞ୍ଚ ଭାଇ ଭଉଣୀଙ୍କ ମଧ୍ୟରେ ଅଚ୍ୟୁତ ହେଉଛନ୍ତି ପରିବାର ଏକେଲା ପୁଅ। ସେ ୩ ବର୍ଷ ବୟସରେ ମାଆ ଗୁରେଇ ପ୍ରଧାନଙ୍କୁ ହରାଇଥିଲେ। ପରେ ବାପା ଅଭିମନ୍ୟୁ ପ୍ରଧାନଙ୍କ ମଧ୍ୟ ଅକାଳ ନିଧନ ହୋଇଥିଲା। ଏକେଲା ପଡ଼ି ଯାଇଥିଲେ ସେ। ଦୁଃଖ ଭିତରେ ସେ ସାହାସ ଦେଖାଇ ଆଗକୁ ବଢ଼ିଥିଲେ। ୧୯୮୪ ମସିହାରେ ମାଟ୍ରିକ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଥିଲେ। ହେଲେ ଉଚ୍ଚ ଶିକ୍ଷା କରିବା ପାଇଁ ଅର୍ଥ ସାଜିଥିଲା ବାଧକ। ପାଠପଢ଼ାରେ ଡୋରି ଲାଗିଥିଲା। ରୋଡ଼ଙ୍ଗ ଗାଁରେ 'ନବ ଉତ୍କଳ ଯୁବକ ସଂଘରେ ସାମିଲ ହୋଇ ଲୋକଙ୍କ ସେବାରେ ଲାଗିଥିଲେ ଅଚ୍ୟୁତ। ପରେ ସଂଘର ସଦସ୍ୟମାନଙ୍କ ପ୍ରଚେଷ୍ଟାରେ ୧୯୯୨ ମସିହାରେ ପଞ୍ଚାୟତର ସରପଞ୍ଚ ଭାବେ ଛିଡା ହୋଇଥିଲେ। ବିପୁଳ ଭୋଟରେ ବିଜୟଲାଭ ମଧ୍ୟ କରିଥିଲେ। ଏହା ପରେ ଅଚ୍ୟୁତଙ୍କ ରାଜନୈତିକ କ୍ୟାରିଅର ଆରମ୍ଭ ହୋଇଥିଲା। ପ୍ରଥମ ପାଳିରେ ୧୯୯୨ ରୁ ୧୯୯୫ ଏବଂ ଦ୍ୱିତୀୟ ପାଳିରେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ସେ କେରଜୋଳି ପଞ୍ଚାୟତର ସରପଞ୍ଚ ହୋଇଥିଲେ। ୨୦୨୨ ମସିହାରେ ସରପଞ୍ଚ ଭାବେ ଛିଡା ହୋଇ ସେ ହାରି ଯାଇଥିଲେ। କିନ୍ତୁ ମନରେ ଲୋକଙ୍କ ପ୍ରତି ଥିବା ସେବା ମନୋଭାବ ଏଯାଏଁ କମିନି।



ଚାଳ ସଜାଡ଼ିବାକୁ ତାଙ୍କ ପାଖରେ ଆବଶ୍ୟକ ଅର୍ଥ ନାହିଁ। ତାଙ୍କ ଘର ଭିତରୁ ଦିନରେ ସୂର୍ଯ୍ୟ ଓ ରାତିରେ ତାରା ଦେଖାଯାଉଛି। ସେହି ଘର ଭିତରେ ଷ୍ଟୋଭ ମାରି ରୋଷେଇ କରନ୍ତି। ପାଣି ଆଣିବା ଠାରୁ ଆରମ୍ଭ କରି ଘରର ସମସ୍ତ କାର୍ଯ୍ୟକୁ ସେ ତୁଲାଇ ଥାନ୍ତି। ସରପଞ୍ଚ ହେବା ସମୟରେ ସେ ଅକ୍ଲାନ୍ତ ପରିଶ୍ରମ କରି ଗାଁରେ ପକ୍କା ରାସ୍ତା, ବିଦ୍ୟାଳୟ ନିର୍ମାଣ, ଆବାସିକ ସ୍କୁଲ ନିର୍ମାଣ କରିବାରେ ସଫଳ ହୋଇଥିଲେ।

ନିତିଦିନିଆ କାମ ଓ ଲୋକଙ୍କ ସମସ୍ୟା ଦୂର କରିବାକୁ ଚେଷ୍ଟା କରିବା ପରେ ମିଳୁଥିବା ଅବସର ସମୟରେ ସେ ମହାପୁରୁଷମାନଙ୍କ ବହି ପଢିବା ସହ ଲେଖାଲେଖି କରନ୍ତି।

ଅଚ୍ୟୁତାନନ୍ଦ କହିଛନ୍ତି, ମଣିଷ ଉଚ୍ଚତା ୫ ଫୁଟ ୬ ଇଞ୍ଚ। ବଡ଼ ଘର ନେଇ କ'ଣ ହେବ। ଦୁଇ ମହଲା ଘର କରି ଏହା ଭିତରେ ଆରାମ୍ କରିବା ଉଦ୍ଦେଶ୍ୟରେ ସରପଞ୍ଚ ହୋଇନଥିଲି। ଅନ୍ୟାୟ ଉପାୟରେ ଟଙ୍କା ନେଇ ରଖିବା ଠିକ୍ ନୁହେଁ। ଲୋକଙ୍କ ଭତ୍ତା କରାଇଦେବା, ସମସ୍ୟାରେ ପଡ଼ିଥିବା ଲୋକଙ୍କୁ ଜରାଶ୍ରମ ସୁବିଧା ଦେବା, ରାସ୍ତାଘାଟ ନିର୍ମାଣ ନିମନ୍ତେ ଯଥା ସମ୍ଭବ ଚେଷ୍ଟା କରିବା ତାଙ୍କର ମୂଳ ଉଦ୍ଦେଶ୍ୟ। ବିନା ପଇସାରେ ଲଢ଼ି ନିର୍ବାଚନ ଜିତି ହେବ। ଯେକେହି ବ୍ୟାଙ୍କ ଆକାଉଣ୍ଟ ନମ୍ବର ନେଇ କେତେ ଟଙ୍କା ଅଛି ଦେଖି ପାରିବେ। ଦୁଇଟି ବ୍ୟାଙ୍କ ଆକାଉଣ୍ଟ ଭିତରୁ ଗୋଟିଏରେ ୫୦ ଟଙ୍କା ଓ ଅନ୍ୟଟିରେ ୩ ହଜାର ଟଙ୍କା ଅଛି। ସାମାଜିକ କାମ କରିବା ଭିତରେ ବିବାହ ପାଇଁ ମନକୁ କେବେ ବାସନା ପସି ପାରିନି। ଯେତେଦିନ ବଞ୍ଚିଛି ଲୋକଙ୍କ ସେବା କରିବି। ତାହାପରେ ଯାହା ଭଗବାନଙ୍କର ଇଚ୍ଛା ବୋଲି ସେ କହିଛନ୍ତି।

## ୟୁଜିସି ଓ ଏନସିଟିଇ ତାଲିକାରେ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନାଁ ନାହିଁ




ୟୁନିଭର୍ସିଟି ହେବାର ୨୧ ମାସ ପରେ ବି ୟୁଜିସି କିମ୍ବା ଏନସିଟିଇ ତାଲିକାରେ ନାହିଁ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନାଁ। ଏପରିକି ଏନସିଟିଇ ତାଲିକାରେ ଏବେ ବି ଖଲିକୋଟ ଅଟୋନମସ କଲେଜ ବୋଲି ଉଲ୍ଲେଖ ରହିଛି। ଯାହାକୁ ନେଇ ଛାତ୍ରଛାତ୍ରୀ ଦ୍ୱନ୍ଦ୍ୱରେ ରହିବା ସହ ସେମାନଙ୍କୁ ସାର୍ଟିଫିକେଟ୍ କିଏ ଦେବ ବୋଲି ପ୍ରଶ୍ନ କରିଛନ୍ତି। କେବଳ ସେତିକି ନୁହେଁ ଏପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ କିମ୍ବା ଏକାଡେମିକ୍ କାଉନସିଲ ବି ଗଠନ ହୋଇ ନପାରିବା ମଧ୍ୟ ନାନା ପ୍ରଶ୍ନକୁ ଠିଆ କରିଛି।

ଖଲିକୋଟ ସ୍ୱୟଂଶାସିତ କଲେଜ ନା ଖଲିକୋଟ ବିଶ୍ୱବିଦ୍ୟାଳୟ? କାରଣ ୧୮୭୮ ମସିହାରେ ପ୍ରତିଷ୍ଠିତ ଦକ୍ଷିଣ ଓଡ଼ିଶାର ଅନ୍ୟତମ ଶିକ୍ଷା ପ୍ରାଣକେନ୍ଦ୍ର ଭାବେ ପରିଚିତ ଏଇ ଶିକ୍ଷାନୁଷ୍ଠାନରେ ପ୍ରଥମ ସ୍ୱୟଂ ଶାସିତ ମହିବିଦ୍ୟାଳୟର ଟ୍ୟାଗ୍ ଲାଗିଲା। ପରେ ୨୦୧୬ରେ ଏହାକୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ କରାଯାଇ ପରେ ମାନ୍ୟତା ହଟାଇ ଦିଆଗଲା। ୨୦୨୧ ଅଗଷ୍ଟ ୧ ତାରିଖରୁ ରାଜ୍ୟ ସରକାର ଏହାକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କଲେ।

ନାମଫଳକ ବଦଳିଲା। କୁଳପତି ନିଯୁକ୍ତ ହେଲେ। କିନ୍ତୁ ଏହା ଭିତରେ ୟୁନିଭର୍ସିଟି ଗଠନକୁ ଦୁଇ ବର୍ଷ ହେବାକୁ ଯାଉଥିଲା ବେଳେ, ଛାତ୍ରଛାତ୍ରୀଙ୍କ ଅଭିଯୋଗ ନା ଖଲିକୋଟ ବିଶ୍ୱବିଦ୍ୟାଳୟକୁ ଏଯାଏଁ ୟୁଜିସି ସ୍ୱୀକୃତି ମିଳିଛି, ନା ଏନ୍ସିଟିଇ ବା ନ୍ୟାସନାଲ କାଉନସିଲ ଫର ଟିଚର ଏଜୁକେନ୍ ତାଲିକାରେ ୟୁନିଭର୍ସିଟିର ନାଁ ଅଛି। ଏପରିକି ଏନସିଟିଇ ତାଲିକାରେ ଏବେ ବି ଖଲିକୋଟ ଅଟୋନମସ୍ କଲେଜ୍ ଉଲ୍ଲେଖ ରହିଛି। ତେଣୁ ଏଠୁ ଉତ୍ତୀର୍ଣ୍ଣ ହେଲା ପରେ ସେମାନଙ୍କୁ ସାର୍ଟିଫିକେଟ୍ କିଏ ଦେବ, ସେଇ ସାର୍ଟିଫିକେଟର ମାନ୍ୟତା କଣ ରହିବ ଏସବୁ ପ୍ରଶ୍ନର ଉତ୍ତରକୁ ନେଇ ଆଶଙ୍କାରେ ଛାତ୍ରଛାତ୍ରୀ।

ଶିକ୍ଷାବିତଙ୍କ କହିବା ଅନୁଯାୟୀ, ୟୁନିଭର୍ସିଟି ହେବା ସଙ୍ଗେ ସଙ୍ଗେ ପ୍ରାଶାସନିକ ପରିଚାଳନା ଏବଂ ପାଠ୍ୟକ୍ରମ ଅନୁମୋଦନ ଲାଗି ସିଣ୍ଡିକେଟ୍ ଗଠନଠୁ ନେଇ ଏକାଡେମିକ୍ କାଉନ୍ସିଲ୍ ଭଳି ଷ୍ଟାଚ୍ୟୁଟୋରୀ ବଡି ଗଠନ ହେବା କଥା। ହେଲେ ଏଯାଏଁ ଏଇ ପ୍ରାଥମିକତାକୁ ବି କାହିଁକି ପୂରଣ କରାଯାଇ ନାହିଁ ଏବଂ ସମସ୍ୟା କେଉଁଠି ରହୁଛି, ତାକୁ ନେଇ ପ୍ରଶ୍ନ ଉଠିଛି।

କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି, ଏସବୁ ପାଇଁ ଉଦ୍ୟମ ଚାଲିଛି। ଖୁବ ଶୀଘ୍ର ଏକାଡେମିକ୍ କାଉନସିଲ ବି ଗଠନ ହେଇଯିବ। ଏହା ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇସାରିଛି, ଏବଂ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ହିଁ ସାର୍ଟିଫିକେଟ୍ ମିଳିବ।

## ଆଖିରେ ଆଖିଏ ଲୁହ ଧରି ପାଳିଲେ ସାବିତ୍ରୀ !

ଇଏ ହେଉଛନ୍ତି ଦୁଇ ସାବିତ୍ରୀ! ନାଁ ଜୟମଣୀ ନାୟକ ଓ ପାର୍ବତୀ ଦାସ। ପ୍ରେମ କରି ବିବାହ କରିଥିଲେ। ବହୁ ବାଦ ବିବାଦ ଭିତରେ ଘର ସଂସାର ଗଢ଼ିଥିଲେ। ହେଲେ ବେଶୀ ଦିନ ତିଷ୍ଠି ପାରିନଥିଲା ଖୁସି। ବିବାହ ନୂଆ ରୂପ ନେବା ପୂର୍ବରୁ ସମ୍ପର୍କରେ ପଡ଼ିଲା ପୂର୍ଣ୍ଣଚ୍ଛେଦ। ପରିବାରଠାରୁ ଅଲଗା ହୋଇଥିଲେ ମଧ୍ୟ ଆଜି ଉଭୟ ପାଳିଛନ୍ତି ସାବିତ୍ରୀ ବ୍ରତ। ଆଉ ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ଭଗବାନଠାରେ କରିଛନ୍ତି ପ୍ରାର୍ଥନା। ସାବିତ୍ରୀ ବ୍ରତରେ ଏମିତି ଦୁଃଖଦ ଖବର ଆସିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ଅଞ୍ଚଳରୁ।

ଅଷ୍ଟମ ଶ୍ରେଣୀରେ ପଢୁଥିଲେ ଚକଲାପଦର ଗାଁର ଜୟମଣୀ ନାୟକ। ପାଠ ପାଢ଼ିବା ବେଳେ ପ୍ରେମଲାଲ ଯାଦବଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଭିନ୍ନ ଜାତିରେ ହୋଇଥିବାରୁ ପରିବାର ଲୋକେ ଗ୍ରହଣ କରିନଥିଲେ। ତେଣୁ ଉଭୟ ଘର ଛାଡ଼ି ପଳାଇ ଯାଇଥିଲେ। ସାହିଭାଇଙ୍କ ସହିତ ଆଲୋଚନା ପରେ ପ୍ରେମଲାଲ୍ ?ଙ୍କ ପରିବାର ଲୋକେ ଜୟମଣୀଙ୍କୁ ଘରକୁ ଆଣିଥିଲେ। ଆଉ ବୈଦିକ ରୀତିନୀତିରେ ପୁଣି ଥରେ ହୋଇଥିଲା ବାହାଘର। ପରେ ଜୟମଣୀ ଶାଶୂ ଘରେ ସଂସାର ଗଢ଼ି ଥିଲେ। ଉଭୟଙ୍କ ଔରଷରୁ ଝିଅଟିଏ ଜନ୍ମ ହୋଇଥିଲା। ବେଶ ହସଖୁସିରେ ଚାଲିଥିଲା ସଂସାର। ହଠାତ୍ ସେହି ସଂସାରରେ ଲାଗିଲା କାହାର ନଜର। ସାତ ଜନମର ସାଥୀଙ୍କୁ ଛାଡ଼ି ପ୍ରେମଲାଲ କେଉଁଆଡେ ଚାଲିଗଲେ। ତା'ପରେ ଆରମ୍ଭ ହେଲା ଜୟମଣୀଙ୍କ ଉପରେ ନିର୍ଯାତନା। ତେବେ ନିର୍ଯାତନା ଅସହ୍ୟ ହେବାରୁ ୫ ମାସ ତଳେ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ହେଲେ ନ୍ୟାୟ ନମିଳିବାରୁ ନୂଆ ଠିକଣା ଖୋଜିବାରେ ଲାଗିଲେ।



ଜୟମଣୀଙ୍କ ପରି ଫୁପୁଗାଁ ଗାଁର ପାର୍ବତୀ ଦାସଙ୍କ ଜୀବନ ଦୁଃଖ ଓ ଯନ୍ତ୍ରଣା ଦାୟକ। ସେ କାର୍ତ୍ତିକ ଦାସଙ୍କୁ ପ୍ରେମ କରୁଥିଲେ। ପରେ କୋରାପୁଟ ଜଗନ୍ନାଥ ମନ୍ଦିରରେ ବିବାହ କରିଥିଲେ। ହେଲେ ଉଭୟଙ୍କ ଜାତି ଭିନ୍ନ ହୋଇଥିବାରୁ ପରିବାର ଲୋକେ ଗ୍ରହଣ କରିନଥିଲେ। ବହୁ ଆଲୋଚନା ପରେ ପାର୍ବତୀ ଶାଶୂ ଘରକୁ ଫେରିଥିଲେ। କିନ୍ତୁ ଅନ୍ତରର ସହ କାର୍ତ୍ତିକଙ୍କ ପରିବାର ଗ୍ରହଣ କରୁନଥିଲେ। ଶେଷରେ କାର୍ତ୍ତିକ ନିଜ ଜୀବନସାଥୀ ପାର୍ବତୀଙ୍କୁ ଜଙ୍ଗଲ ପଖରେ ଥିବା ଗୋଦାମ ଘରେ ଛାଡି ଆସିଥିଲେ। ଦୁଃଖ ସହ୍ୟ କରି ସେହି ଗୋଦାମ ଘରେ ରହୁଥିଲେ। ସେହିଠାରେ ପାର୍ବତୀ ଝିଅ ଜନ୍ମ କରିଥିଲେ। ଧୀରେ ଧୀରେ ଝିଅ ବଢ଼ିଲା। ଏବେ ଝିଅକୁ ୧୧ ବର୍ଷ ହେଲାଣି। ପାଠ ପଢ଼ିବାକୁ ଚାହିଁଲା। ତେଣୁ ଝିଅକୁ ସ୍କୁଲରେ ନାମ ଲେଖାଇବାକୁ ଚାହିଁଥିଲେ ପାର୍ବତୀ। ହେଲେ କାର୍ତ୍ତିକଙ୍କ ପରିବାର ଲୋକେ ତାଙ୍କୁ ନାମ ଲେଖାଇବାକୁ ଦେଲେନାହିଁ।

ପାର୍ବତୀଙ୍କୁ ଗୋଦାମ ଘରୁ ବାହାର କରିଦେଇଥିଲେ। କିଛି ଉପାୟ ନପାଇ ପାର୍ବତୀ ବାପ ଘରକୁ ଫେରିଥିଲେ। ଏନେଇ ପାର୍ବତୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଫୁପୁଗାଁ ପାଖରେ ଗୋଟିଏ କୁଡ଼ିଆ କରି ରହୁଥିଲେ। ହେଲେ ସ୍ଥାନୀୟ ଲୋକ ତାଙ୍କ କୁଡ଼ିଆରେ ନିଆଁ ଲଗାଇ ଦେଇଥିଲେ। କିଛି ଉପାୟ ନପାଇ ଝିଅକୁ ଧରି ଆଶ୍ରୟ ଖୋଜୁଥିଲେ ପାର୍ବତୀ।

ଜୟମଣୀ ଓ ପାର୍ବତୀଙ୍କ ଦୁଃଖଦାୟକ କଥା ସାମ୍ନାକୁ ଆସିବା ପରେ ସହାୟତାରେ ହାତ ବଢ଼ାଇଥିଲେ ସମାଜସେବୀ ହାରାବତୀ ଗଣ୍ଡ। ଏବେ ତାଙ୍କ ପାଖରେ ଏହି ଦୁଇ ଅସହାୟ ମହିଳା ରହୁଛନ୍ତି। ଜୟମଣୀ ଓ ପାର୍ବତୀଙ୍କ ନୂଆ ଠିକଣା ପାଲଟିଛି ହାରାବତୀଙ୍କ ଘର। ଗତ ଦୁଇ ମାସ ହେଲେ ଦୁଇ ମହିଳା ରହୁଛନ୍ତି। କିନ୍ତୁ ଭୁଲି ନାହାନ୍ତି ଓଡ଼ିଆ ସଂସ୍କୃତି ଓ ପରମ୍ପରା। ନାନା ନିର୍ଯାତନା ସହି ଶାଶୂ ଘରୁ ତଡ଼ା ଖାଇଥିଲେ ସୁଦ୍ଧା ଆଜି ଉଭୟ ପାଳିଛନ୍ତି ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ନିର୍ଘାୟୁ କାମନା ପାଇଁ ଭଗବାନଙ୍କ ପାଖରେ ପୂଜା କରିଛନ୍ତି।

### ସାକାର ହୋଇପାରୁନି ଆଦିବାସୀ ପିଲାଙ୍କ ପାଠପଢ଼ା ଲକ୍ଷ୍ୟ

# ଆଦର୍ଶ ଡିଗ୍ରୀ କଲେଜ ପ୍ରତିଷ୍ଠା ଲକ୍ଷ୍ୟ ବିଫଳ

ଶିକ୍ଷାବର୍ଷ ପରେ ଶିକ୍ଷାବର୍ଷ ଆସୁଛି ଓ ଯାଉଛି। ହେଲେ ସାକାର ହେଉନି ଆଦିବାସୀ ଅଧ୍ୟୁଷିତ କୋରାପୁଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ଆଦର୍ଶ ଡିଗ୍ରୀ କଲେଜର ସ୍ୱପ୍ନ। କାରଣ ସେମିଳିଗୁଡ଼ାରେ କଲେଜର ନିର୍ମାଣକାମ ସରିବା ସତ୍ତ୍ୱେ ବି ଭାରତ ମାଳା ପ୍ରୋଜେକ୍ଟ ପାଇଁ ଏହା ଅଟକି ରହିବା ପରଠୁ ଏହା ଆଉ କେଉଁଠି ହେବ ତାକୁ ନେଇ ଅନ୍ଧାରରେ ଜିଲ୍ଲାବାସୀ।

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନରେ ଆଦିବାସୀ ବହୁଳ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ କୋରାପୁଟ ସେମିଳିଗୁଡ଼ାର କୁତୁଙ୍ଗାରେ ହେବାର ଥିଲା ଆଦର୍ଶ ଡିଗ୍ରୀ କଲେଜ୍। ୨୦୧୯ ଫେବ୍ରୁଆରୀ ୩ ତାରିଖରୁ କାମ ଆରମ୍ଭ ହୋଇ ୨୦୨୧ ବେଳକୁ କାମ ସରିଯାଇଥିଲା। ସେହି ବର୍ଷଠୁ ପାଠପଢ଼ା ଆରମ୍ଭ ହେବା ଲକ୍ଷ୍ୟରେ କେବଳ ବିଲଡିଂକୁ ଉଚ୍ଚଶିକ୍ଷା ବିଭାଗକୁ ହସ୍ତାନ୍ତର ବାକିଥିଲା। ହେଲେ ହେଲାନି। ଠିକ୍ ଏହି ସମୟରେ ଜଣାପଡ଼ିଲା କଲେଜକୁ ଲାଗିକି ଯିବ ଭାରତ ମାଳା ପରିଯୋଜନାର ୬ ଥାକିଆ ରାସ୍ତା। ବାସ୍, ତା ପରଠୁ ରାସ୍ତା ନିର୍ମାଣ ଚାଲିଲା।

କଲେଜ ପାଇଁ ଉଦ୍ଦିଷ୍ଟ ଏ କୋଠାରେ ଚାଲିଲା ଠିକା ସଂସ୍ଥାର ଅଫିସ୍। ଏହାର ଆୟୁଷ ବି ମାତ୍ର ୩-୪ ମାସ। ରାସ୍ତାକାମ ସରିଲେ ମାଟିର ମିଶିବ ଏ କୋଠା। ହେଲେ ସେବେଠୁ ୬ କୋଟି ଟଙ୍କା ବ୍ୟୟ ପରେ ବି ଝୁଲି ରହିଛି ଆଦର୍ଶ ଡିଗ୍ରୀ କଲେଜର ଭାଗ୍ୟ। ଯାହାକୁ ନେଇ ଆଶା ଓ ଆଶଙ୍କାରେ ସ୍ଥାନୀୟ ବାସିନ୍ଦା।

ବଡ଼ କଥା ହେଉଛି ୧୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏଇ ଡିଗ୍ରୀ କଲେଜ ପାଇଁ ଯେତିକି ଅର୍ଥ ଖର୍ଚ୍ଚ ସରିଥିଲା ସେ ଅର୍ଥ କୁଆଡ଼େ କେନ୍ଦ୍ର ସରକାର ରାଜ୍ୟକୁ ଦେଇ ସାରିଛନ୍ତି। ଅର୍ଥାତ୍ ଡିଗ୍ରୀ କଲେଜ ପାଇଁ ଏବେ ବି ୧୨ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖରେ ଅଛି। କେବଳ ଅନ୍ୟ ଏକ ପ୍ରକୃଷ୍ଟ ସ୍ଥାନ ଚିହ୍ନଟ କରି ସେଠି ପୁଣି କଲେଜ ନିର୍ମାଣ କରିବା କଥା। ହେଲେ ବର୍ଷ ପରେ ବର୍ଷ ବିତି ଚାଲିଥିଲେ ବି ଏଯାଏଁ ବିଭାଗର ଜାଗା ଖୋଜା ସରୁନି।




ଏହା ଭିତରେ ସେମିଳିଗୁଡ଼ାରୁ ନନ୍ଦପୁର ଯିବା ରାସ୍ତାରେ କୌଣସି ଏକ ସ୍ଥାନରେ ଜାଗା ଚିହ୍ନଟ ହୋଇଥିବା କୁହାଯାଉଥିଲା ବେଳେ ଏନେଇ କିନ୍ତୁ ପ୍ରଶାସନ ପକ୍ଷରୁ ସ୍ୱଷ୍ଟ ସୂଚନା ଦିଆଯାଉନି। ଏପରିକି ଜିଲ୍ଲାପାଳ ମଧ୍ୟ ଏନେଇ ଗଣମାଧ୍ୟମ ଆଗରେ ମୁହଁ ଖୋଲିବାକୁ ନାରାଜ। ଯାହାକୁ ନେଇ ତେଜିଛି ରାଜନୀତି।

କଂଗ୍ରେସ ସାଂସଦ ଶପ୍ତଗିରି ଉଲ୍ଲାକା କହିଛନ୍ତି, ବିଜେଡି ସରକାର ସ୍କୁଲ ଓ କଲେଜ ଉନ୍ନତିକରଣ କରୁଥିବାର ଡିଣ୍ଡିମ ପିଟୁଛି। ହେଲେ ଏଠାରେ କାହିଁକି ଏହା ନଜର ଅସୁନି। କେନ୍ଦ୍ର ସରକାରଙ୍କ ଅର୍ଥ ଓ ଯୋଜନା ହୋଇଥିବାରୁ ବିଜେଡି କଲେଜ ଚାଲୁ କରିବାରେ ଢିଲା କରୁଛି। ତେବେ ଜମି ଅଧିଗ୍ରହଣ ଶୀଘ୍ର କରିବାକୁ ଜିଲ୍ଲାପାଳଙ୍କ କୁହାଯିବ। ୩ ବର୍ଷ ଚାଲି ଯାଇଥିବାରୁ ପ୍ରକଳ୍ପକୁ ତୁରନ୍ତ ରୂପ ଦେବାକୁ ହେବ।

ବିଜେପି ନେତା ସୁମନ୍ତ ପ୍ରଧାନ କହିଛନ୍ତି, ଆଦିବାସୀ ପିଲାମାନଙ୍କ ପାଠପଢ଼ିବା ନିମନ୍ତେ କେନ୍ଦ୍ର ସରକାର ୧୨ କୋଟି ଟଙ୍କା ମଞ୍ଜୁର କରିସାରିଛନ୍ତି। ଦୁଃଖର ବିଷୟ ଓଡ଼ିଶା ସରକାର ଜମି ଦେଉ ନ ଥିବାରୁ କଲେଜର କୋଠା ନିର୍ମାଣ ହୋଇପାରୁନି।

ବିଜେଡି ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ଏହି କଲେଜ ବାବଦରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜମି ଯୋଗାଇ ଦେବା ସହ ଆବଶ୍ୟକ ଅନ୍ୟ ପଦକ୍ଷେପ ନେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଅତି କମ୍ ଦିନ ଭିତରେ ଏହି କାମ ଆରମ୍ଭ ହେବ।

ଆଦିବାସୀ ଓ ପଛୁଆ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଉନ୍ନତମାନର ଉଚ୍ଚଶିକ୍ଷା ପ୍ରଦାନ ଲକ୍ଷ୍ୟରେ ୨୦୧୮ରେ କେନ୍ଦ୍ର ସରକାର ରାଜ୍ୟର କଳାହାଣ୍ଡି, କନ୍ଧମାଳ, ଗଜପତି, ବଲାଙ୍ଗିର, ଢେଙ୍କାନାଳ ଓ କୋରାପୁଟ ଭଳି ୬ଟି ଜିଲ୍ଲାରେ ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ। ହେଲେ ଦୂରଦୃଷ୍ଟିର ଅଭାବରୁ କୋଟି କୋଟି ଟଙ୍କାର ଅର୍ଥଶ୍ରାଦ୍ଧ ପରେ ବି ଏଯାଏଁ କୋରାପୁଟରେ କଲେଜ ପାଇଁ ସାନି ସ୍ଥାନ ଚିହ୍ନଟ ନ ହୋଇପାରିବା ଅସନ୍ତୋଷ ସୃଷ୍ଟି କରିଛି।

# ଅଟୋ ଚଳାଇ ପେଟ ପୋଷୁଛନ୍ତି ସରପଞ୍ଚ, ଫନି ପରଠୁ ଘର ଭାଙ୍ଗି ପଡ଼ିଛି





ସରପଞ୍ଚ ହେଲେ ପେଟ ପୋଷିବାକୁ ଚଳାଉଛନ୍ତି ଅଟୋ। ସେପଟେ ଝାଟିମାଟି ଘର ଖଣ୍ଡକ ୨୦୧୯ ଫୋନି ବତ୍ୟା ଠାରୁ ଭାଙ୍ଗି ପଡ଼ିଛି। ତାହା ସଜାଡ଼ିବାକୁ ଆବଶ୍ୟକ ଅର୍ଥ ନଥିବାରୁ ଏହାରି ତଳେ ମୁଣ୍ଡ ଗୁଞ୍ଜୁଛନ୍ତି ପୂରା ପରିବାର। ବିପଦସଙ୍କୁଳ ଘରେ ରହୁଥିଲେ ହେଁ ତାଙ୍କର ଆତ୍ମବିଶ୍ୱାସ ଧର୍ମ ବାଟରେ କାମ କରିବେ ଓ ଲୋକଙ୍କ ସମସ୍ୟା ସମାଧନ ନିମନ୍ତେ କାମ କରିବେ। ଅବାଟରେ କାମ କରି ନିଜ ଘରକୁ ପକ୍କା କରିଲେ ଲୋକଙ୍କ ସମସ୍ୟା ଦୂର କରିପାରିବେ ନାହିଁ। ପୁରୀ ଜିଲ୍ଲା ପିପିଲି ବ୍ଲକ ଚାନ୍ଦ୍ରଦେଇପୁର ପଂଚାୟତର ସରପଞ୍ଚ ସୁରେନ୍ଦ୍ର ବେହେରାଙ୍କ ଏଭଳି ସାଦାସିଧା ଜୀବନ ଶୈଳୀ ଓ ଦୁଃଖକଷ୍ଟ ପରିସ୍ଥିତି ସତ୍ତ୍ୱେ ଧର୍ମ ବାଟରେ ପରିବାର ପ୍ରତିପୋଷଣ କରିବା ସବୁଠି ଚର୍ଚ୍ଚାର ବିଷୟ ହୋଇଛି।

ପ୍ରତିଦିନ ରାତି ପାହି ସକାଳ ହେବା ମାତ୍ରେ ସୁରେନ୍ଦ୍ର ପୂଜାପୂଜି ଓ ଘର କାମ ସାରି ଅଟୋ ଧରି ବାହାରି ଯାଆନ୍ତି ପଞ୍ଚାୟତ ଅଫିସ୍। ଅଫିସ୍ କାମ ସରିବା ପରେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଅଟୋ ଧରି ସେମାନଙ୍କ ଘର ଦୁଆରେ ପହଞ୍ଚି ଯାଆନ୍ତି। ଏହା ପରେ ଯାହା ସମୟ ପାଆନ୍ତି ସେହି ସମୟରେ ଅଟୋ ଚଳାଇ ଯେତିକି ମିଳି ପରିବାର ଚଳାନ୍ତି। ସେଥିରେ ପୁଣି ଯିଏ ଯାହା ଦେଲା। ଅନେକ ଗରିବ ଲୋକଙ୍କୁ ସେ ବିନା ମୂଲ୍ୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦିଅନ୍ତି। ବର୍ଷା ହେଉ କି ଖରା ଅବା ଶୀତ। ଏସବୁ କିଛି ଖାତିର ନ କରି ସେ ନିଜ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି।

ତାଙ୍କ ଘର ଉପରେ ଜରି ପଲିଥିନ ପଡିଛି। କାନ୍ଥରୁ ମାଟି ଖସି ଖାଲି ବାଉଁଶ ବାଡ଼ ଦିଶୁଛି। ଘରେ ଭିତରେ ଦିନରେ ସୂର୍ଯ୍ୟ ଆଉ ରାତିରେ ଚନ୍ଦ୍ର ଦିଶୁଛନ୍ତି। ଫନି ବାତ୍ୟାରେ ତାଙ୍କ ଝାଟିମାଟି ଘର ଭାଙ୍ଗି ଯିବା ପରେ ପ୍ରଥମ ଘର ଭଙ୍ଗା ସହାୟତା ପ୍ରଦାନ ତାଲିକାରେ ତାଙ୍କ ପରିବାର ଲୋକଙ୍କ ନାଁ ଯୋଗ୍ୟ ତାଲିକାରେ ଥିଲା। କିନ୍ତୁ ପରେ ତାଙ୍କ ପରିବାର ଲୋକଙ୍କ ନାଁ ଅଯୋଗ୍ୟ କରିଦେଲେ ସରକାର।

ତେବେ ସରପଞ୍ଚ ହୋଇ ନିଜ ଘର ନ ସଜାଡ଼ି ପାରିବା ନେଇ ପରିବାର ଲୋକେ ମଧ୍ୟ ବ୍ୟସ୍ତବିବ୍ରତ ନୁହଁନ୍ତି। କାରଣ ସେମାନେ ବୁଝି ସାରିଛନ୍ତି ଯେ, ତାଙ୍କ ଘରର ଜଣେ ସଦସ୍ୟ ବିରୋଧୀ ଦଳରୁ ଟିକେଟ୍ ପାଇ ସରପଞ୍ଚ ହୋଇଛି। ତେଣୁ ପରିବାର ସଦସ୍ୟଙ୍କୁ ପ୍ରଶାସନିକ ଅବହେଳାର ଶିକାର ହେବାକୁ ପଡୁଛି।

ସୁରେନ୍ଦ୍ରଙ୍କ ବଡ଼ ଭାଇ ଦେବେନ୍ଦ୍ର ୩୦ ବର୍ଷ ଧରି କଂଗ୍ରେସ ଦଳରେ ଜଣେ ଶୃଙ୍ଖଳିତ କର୍ମୀ ଭାବରେ ଥିଲେ। ଏବେ ତାଙ୍କ ସାନ ଭାଇ ସୁରେନ୍ଦ୍ର ବିଜେପି ସମର୍ଥିତ ସରପଞ୍ଚ। ଦେବେନ୍ଦ୍ର ଏବଂ ସୁରେନ୍ଦ୍ର ଶାସକ ଦଳର ଇଙ୍ଗିତରେ ବ୍ଲକରୁ ଯାଞ୍ଚ କରିବାକୁ ଆସିଥିବା ବାବୁମାନଙ୍କ ରୋଷର ଶିକାର ହୋଇ ଏପରି ଅବସ୍ଥାରେ ଅଛନ୍ତି।

ସରପଞ୍ଚଙ୍କ ଭାଇ ଦେବେନ୍ଦ୍ର ବେହେରା ଓ ଭାଉଜ ତିଳୋତ୍ତମା ବେହେରା ଲୁହ ଭରା ଆଖିରେ କହିଛନ୍ତି, ଫନି ପରଠାରୁ ଅତି ଦୁର୍ଦ୍ଦଶା ଭିତରେ ଘରେ ରହିବାକୁ ପଡୁଛି। କାଳବୈଶାଖି ଆସିଲେ ପଲିଥିନ୍ ଉଡ଼ାଇ ନେଉଛି। ଘରେ ଆଣ୍ଠୁଏ ପାଣି ପଶି ଯାଉଛି। ଯେଉଁ ସରକାରୀ ବାବୁମାନେ ଆସିଥିଲେ ଯାଞ୍ଚରେ ତାଙ୍କ ପରିବାର ନାଁକୁ ତାଲିକାରୁ କାଟି ଦେଲେ। ପରିବାରର ଜଣେ ସଦସ୍ୟ ସରପଞ୍ଚ। ତେଣୁ ସେ ଆଉ କାହାକୁ ବା ଗୁହାରୀ କରିବେ। ରାଜନୀତିର ପଶାପାଲୀରେ ତାଙ୍କୁ ଅବହେଳା କରାଯାଉଛି ସେ ଏହା ବୁଝି ସାରିଛନ୍ତି।

ସୁରେନ୍ଦ୍ର କହିଛନ୍ତି, ସରକାରଙ୍କ ପକ୍ଷରୁ ଦରମା ଭାବେ ୨୩୦୦ ଟଙ୍କା ଦରମା ମିଳୁଛି। ଏଥିରେ କେହିକେବେ ବି ପରିବାର ଚଳାଇ ପାରିବ ନାହିଁ। ତେଣୁ ପୁରୁଣା ବୃତ୍ତି ଭାବେ ଅଟୋ ଚଳାଇ ପରିବାର ପୋଷିବାକୁ ପଡୁଛି। ଏଥିରେ ଆତ୍ମସମ୍ମାନ ଗ୍ଲାନି ହେବାର କୌଣସି କଥା ନାହିଁ। କାରଣ ଚୋରି କରି ସେ ରୋଜଗାର କରୁନାହାନ୍ତି, ବରଂ ପରିଶ୍ରମ କରି ରୋଜଗାର କରୁଛନ୍ତି। ଲୋକଙ୍କ ସମସ୍ୟା ବୁଝିବାକୁ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି, ପ୍ରଥମେ ଏହି କାମ କରିବାକୁ ପଡ଼ିବ। ପରିବାର ନିମନ୍ତେ ବେଶୀ ସମୟ ଦେଲେ ଲୋକଙ୍କ କାମ ହୋଇପାରିବ ନାହିଁ।

# ସ୍ୱାମୀ ଛାଡ଼ିଦେଲା ହାତ, ଧୋକା ଦେଲା ଭାଗ୍ୟ !



ଯାହାର ହାତ ଧରି ସଂସାର ଗଢ଼ିଥିଲେ, ସିଏ ଧୋକା ଦେଲା। ଅଧା ରାସ୍ତାରେ ଛାଡ଼ି ଆଉ କାହାର ହାତ ଧରି ଚାଲିଗଲା। ସାତ ଜନମର ଜୀବନ ସାଥୀ ଚାଲି ଚାଲିଗଲା ପରେ ୬ ଛୁଆଙ୍କ ଭାଗ୍ୟ ଗଢ଼ିବାରେ ଲାଗି ପଡ଼ିଲେ କୁନ୍ତଳା ମାଉସୀ। ଛୁଆଙ୍କ ଭବିଷ୍ୟତ ଗଢୁଥିବା ବେଳେ ଧୋକା ଦେଲା ଭାଗ୍ୟ ! ଅକର୍ମଣ୍ୟ ହୋଇଗଲେ ! ଚାଲିବୁଲି ପାରିଲେ ନାହିଁ। ବର୍ତ୍ତମାନ ରୋଗ ଯନ୍ତ୍ରଣାରେ ଜୀବନ ଜୀଉଁଛନ୍ତି ନୂଆଁଣିଆ ଘରେ। ରୋଗୀଣା ମାଆର ଚିକିତ୍ସା ପାଇଁ କିଏ ଦାଦନ ଖଟିବାକୁ ଆନ୍ଧ୍ର ଯାଇଛି ତ ଆଉ କିଏ ଗାଁ ଇଟା ଭାଟିରେ ଶୈଶବକୁ ବାଜି ଲଗାଇଛି। ଜୀବନ ଯନ୍ତ୍ରଣାର ଏ କରୁଣ ଚିତ୍ର ଆସିଛି ନୂଆପଡ଼ା ଜିଲ୍ଲାରୁ।

ସିନାପାଲି ବ୍ଲକ୍ ନୂଆପଡା ଗାଁର କୁନ୍ତଳା ମାଝୀ। ସ୍ୱାମୀ କନେକ ରାମ ଓ ୬ ପୁଅଝିଅଙ୍କୁ ନେଇ ତାଙ୍କ ପରିବାର। କାମଦାମ କରି ଯାହା ଉପାର୍ଜନ କରୁଥିଲେ ସେଥିରେ ଚଳୁଥିଲା କୁନ୍ତଳାଙ୍କ ତେଲ ଲୁଣର ସଂସାର। ପରିବାରକୁ ନେଇ ବେଶ୍ ଖୁସି ଥିଲେ କୁନ୍ତଳା। ହାଠାତ୍ ସେହି ପୂରିଲା ସଂସାରରେ ଲାଗିଲା କାହାର ନଜର। ୧୦ ବର୍ଷ ତଳେ କୁନ୍ତଳାଙ୍କ ବିଶ୍ୱାସରେ ବିଷ ଦେଇ ସ୍ୱାମୀ କନେକ ରାମ ଆଉ କାହା ସହ ଫେରାର ହୋଇଗଲେ। ଗଢ଼ିଥିବା ସଂସାର କଥା ଭୁଲିଗଲେ।

ସ୍ୱାମୀ ପଳାଇଗଲା ପରେ ଭାଙ୍ଗି ପଡ଼ିଲେ କୁନ୍ତଳା। ୬ ପ୍ରାଣୀ କୁଟୁମ୍ବ ମୁହଁରେ ଦାନା କେମିତି ଦେବେ ? ସେହି କଥା ଚିନ୍ତା କରି ଭାଙ୍ଗି ପଡ଼ିଲେ କୁନ୍ତଳା। ହେଲେ ହାର ମାନିଲେ ନାହିଁ। କାମଦାମ କଲେ। ଆଉ ଯାହା ରୋଜଗାର କଲେ ସେଥିରେ ବଡ଼ଝିଅ ଜଏମନୀ, ପୁଅ ଲଳିତ, ଦେବକୀ, ପୂଜା, ରୁଜା ଓ ସଂଜୁଙ୍କ ମୁହଁରେ ଦାନା ଦେଉଥିଲେ। ସବୁ କଷ୍ଟ ଓ ଯନ୍ତ୍ରଣାକୁ ଆଞ୍ଜୁଳାରେ ପିଇ ପିଲାମାନଙ୍କୁ ବଡ଼ କରିବାରେ ଲାଗି ପଡ଼ିଲେ। ଏହାରି ଭିତରେ ବଡ଼ ଝିଅ ବାହାହେବା ବୟସରେ ହୋଇଗଲେ। କଷ୍ଟେମଷ୍ଟେ ଓ ମାଗି ଜାଚି ବଡ଼ଝିଅ ଜାଏମନୀଙ୍କ ବାହାଘର କରାଇ ଥିଲେ। ବଡ଼ ଝିଅ ବାହାଘର ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ କୁନ୍ତଳା। ଶରୀର ଦୁର୍ବଳ ଲାଗିଲା। ଗୋଡ଼ ହାତ ଦରଦ ହେଲା। ତେଣୁ ପିଲାମାନେ ଧାର ଉଧାର କରି କୁନ୍ତଳାଙ୍କୁ ଧର୍ମଗଡ଼ ମେଡ଼ିକାଲ୍ ନେଇଥିଲେ। ମାତ୍ର ସେଠାରୁ କିଛି ସୁଫଳ ମିଳିଲା ନାହିଁ। ପରେ ଭବାନୀପାଟଣା ମେଡ଼ିକାଲ୍ ଓ ନବରଙ୍ଗପୁର ମେଡ଼ିକାଲ୍ ନେଇଥିଲେ। ପରୀକ୍ଷା ନିରୀକ୍ଷା ପରେ ଡାକ୍ତର ଗୋଡାଏ ଔଷଧ ଖାଇବାକୁ ଦେଲେ। ହେଲେ ରୋଗ ଯନ୍ତ୍ରଣାରୁ ମୁକୁଳି ପାରିଲେ ନାହି କୁନ୍ତଳା। ଅର୍ଥ ଅଭାବରୁ ଅଧିକ ଚିକିତ୍ସା ହୋଇପାରି ନାହିଁ। ଏବେ ସେ ଚାଲି ବୁଲି ପାରୁନାହାନ୍ତି। ଦିନ ରାତି ୨୪ ଘଣ୍ଟା ନୂଆଁଣିଆ ଚାଳ ଘରେ ଖଟରେ ବସି ଛନ୍ତି। ଦରକାର ପଡ଼ିଲେ କଷ୍ଟରେ ବାଡ଼ି ଧରି କିମ୍ବା ପୁଅ ଝିଅଙ୍କ ସହାୟତାରେ ଧୀରେ ଧୀରେ ଚାଲୁଛନ୍ତି। କିନ୍ତୁ ଘର କାମ କରିପାରୁ ନାହାନ୍ତି।

ବାପା ଚାଲିଗଲେ, ରୋଗୀଣା ମାଆ ବେଡ୍‌ରେ। ସରକାରୀ ଯୋଜନା କହିଲେ ପିଡିଏସ୍ ଚାଉଳ ବାବଦକୁ ୨୦ କିଲୋ ଚାଉଳ ଛଡ଼ା ଆଉ କିଛି ମିଳୁନି। ଏପରି ସ୍ଥିତିରେ ଘର ଚଳିବ କେମିତି ? ତେଣୁ ୧୬ ବର୍ଷୀୟ ସାନ ଭଉଣୀ ପୂଜାକୁ ଧରି ବଡ଼ଭାଇ ଲଳିତ ଚାଲିଗଲେ ଆନ୍ଧ୍ରପ୍ରଦେଶ। ୫ ମାସ ହେଲା ସେଠାରେ ଭାଇ ଓ ଭଉଣୀ ଗୋଟିଏ ଇଟା ଭାଟିରେ କାମ କରୁଛନ୍ତି। ୧୮ ବର୍ଷୀୟ ଦେବକୀ ପର ଘରେ ମୂଳ ଲାଗୁଥିବା ବେଳେ ୧୪ ବର୍ଷର ସଞ୍ଜୁ ଗାଁ ଲୋକଙ୍କ ଜମିରେ ଇଟା ତିଆରି କାମ କରୁଛନ୍ତି। ଘରେ ମାଆ ପାଖେ ପାଖେ ରହୁଛନ୍ତି ରୁଜା। ରୋଷେଇ ବାସ କରିବା ସହ ମାଆଙ୍କ ଦେଖା ରଖା କରୁଛନ୍ତି ରୁଜା। କାମଦାମ କରି ଯାଆ ରୋଜଗାର କରୁଛନ୍ତି, ସେଥିରେ ମାଆର ଚିକିତ୍ସା କରିବା ସହିତ ଭୋକ ମେଣ୍ଟାଉ ଛନ୍ତି।

ସେପଟେ କୁନ୍ତଳାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କାର୍ଡ଼ ରହିଛି। ହେଲେ ସଚେତନତା ଅଭାବରୁ ସେ କାର୍ଡ଼ ବ୍ୟବହାର କରିପାରୁ ନାହାନ୍ତି। ଏପରିକି କାର୍ଡ ବ୍ୟବହାର କେମିତି କରିବେ ଓ କେଉଁଠି ଯିବେ ଜାଣିପାରୁ ନାହାନ୍ତି। ସବୁଠାରୁ ଦୁଃଖଦ ବିଷୟ ହେଲା ଆଜି ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ। ଭଙ୍ଗା ଦଦରା ଘରେ ଦୟନୀୟ ସ୍ଥିତିରେ ଜୀବନ ଜିଉଁଛନ୍ତି ପୂରା ପରିବାର।

କୁନ୍ତଳାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଡାକ୍ତର ଶ୍ରୀମାନ ସାହୁଙ୍କୁ କହିଛନ୍ତି, ଡାକ୍ତରୀ ଟିମ୍ ପଠାଇ ସମସ୍ୟା ବୁଝିବା ସହିତ ଚିକିତ୍ସାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

ସିନାପାଲି ବିଡ଼ିଓ ସର୍ବେଶ୍ୱର ଜାଲ କହିଛନ୍ତି, ତଦନ୍ତ କରି ଘର ଯୋଗାଇ ଦେବାର ବ୍ୟବସ୍ଥା କରାଯିବ।

## ଶୁଣିଲାନି ପ୍ରଶାସନ, ପାହାଡ଼ ଚିରି ୮ କିମି ରାସ୍ତା ତିଆରି କଲେ ଗ୍ରାମବାସୀ



ବାରମ୍ବାର ଗୁହାରି କରି ନୟାନ୍ତ ହେଲେ ଗାଁ ଲୋକ। ହେଲେ ଶୁଣିଲାନି ପ୍ରଶାସନ ! ଶେଷରେ ବଡ଼ ନିଷ୍ପତ୍ତି ନେଲେ ଗାଁ ଲୋକ। ସରକାରଙ୍କ ଉପରେ ଭରସା ହରାଇ ପାହାଡ଼ ଚିରି ନିଜ ଗାଁକୁ ୮ କିଲୋମିଟର ରାସ୍ତା ତିଆରି କଲେ। ଏବେ ରାସ୍ତା କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦୁଝର ଜିଲ୍ଲା ହଦଗଡ଼ ପଞ୍ଚାୟତରେ ଦେଖିବାକୁ ମିଳିଛି ଏହି ଘଟଣା।

ହଦଗଡ଼ ପଞ୍ଚାୟତର ରତ୍ନମରା, ଝୁଣାବାରି, ଦଲକି ଓ ପୀତାନାଉଗାଁରେ ୧୫୦୦ରୁ ଅଧିକ ଲୋକେ ବସବାସ କରନ୍ତି। ଏହି ୪ ଖଣ୍ଡ ଗାଁ ଘଞ୍ଚ ଜଙ୍ଗଲ ଓ ପାହାଡ଼ ଉପରେ ଅବସ୍ଥାପିତ। ଏହି ଗାଁର ଲୋକମାନଙ୍କୁ ମୁଖ୍ୟ ରାସ୍ତାକୁ ଯିବା ପାଇଁ ରାସ୍ତା ନାହିଁ। ଗ୍ରାମବାସୀ ଘଞ୍ଚ ଜଙ୍ଗଲ ଓ ପାହାଡ଼ ଚଢ଼ି ୮ କିମି ରାସ୍ତା ପାର କରି ପଞ୍ଚାୟତ କାର୍ଯ୍ୟାଳୟଠୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟ ଓ ଡାକ୍ତରଖାନାକୁ ଯାଆନ୍ତି। ରାସନ ଚାଉଳ ହେଉ ବା ଅତ୍ୟାବଶ୍ୟକ ସାମଗ୍ରୀକୁ ଗ୍ରାମବାସୀ ମୁଣ୍ଡରେ ମୁଣ୍ଡାଇ ପାହାଡ ଚଢ଼ି ଆଣିଥାନ୍ତି। କାହାର ଦେହ ଖରାପ ହେଲେ ଗ୍ରାମାବାସୀ ଖଟିଆରେ ବୋହି ହଦଗଡ଼ ଆଣିଥାନ୍ତି। ସେଠାରୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନେ ନେଇଥାନ୍ତି। ବର୍ଷା ଦିନେ ଯିବା ଆସିବା କରିବା ପାଇଁ ଗ୍ରାମବାସୀଙ୍କୁ କଷ୍ଟକର ହୋଇପଡ଼ିଥାଏ । ଲଗାଣ ବର୍ଷା ଲାଗି ରହିଲେ ଯିବା ଆସିବା ଏକ ପ୍ରକାର ଠପ୍ ହୋଇଯାଇଥାଏ।

# ୮ ବର୍ଷ ହେଲା ସରୁନି ବିଜୁ ସେତୁ



ପଡ଼ିଗଲେ ପ୍ରାଣ ଚାଲିଯିବ। ତଥାପି ଅଧାଗଢ଼ା ବିଜୁ ସେତୁ ଉପରେ ଯାତାୟତ କରୁଛନ୍ତି ଲୋକେ। କାରଣ ୮ ବର୍ଷ ହେବ ନିର୍ମାଣ ଚାଲିଥିବା ଏହି ବିଜୁ ସେତୁ କାମ କେବେ ସରିବ ତାହାର ଭାଗ୍ୟଭବିଷ୍ୟତ ଉତ୍ତର କାହା ପାଖରେ ନାହିଁ। ରେମୁଣା ବ୍ଲକର ନୂଆପାଢି ପଞ୍ଚାୟତର ସୋନ ନଦୀ ଉପରେ ଘୁଙ୍ଗି ଘାଟରେ ନିର୍ମାଣାଧୀନ ବିଜୁ ସେତୁ ଅବସ୍ଥା ଏଭଳି ହୋଇଛି। ଖାଲି ଏହି ଗୋଟାଏ ନୁହେଁ ଜିଲ୍ଲାରେ ୧୬ଟି ବିଜୁ ସେତରୁ ସମାନ ଅବସ୍ଥା।

ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ୨୦୧୧ ମସିହାରେ ଆରମ୍ଭ ହୋଇଥିଲା ବିଜୁ ସେତୁ ଯୋଜନା। ଯେଉଁଠି ଯୋଗାଯୋଗ ପାଇଁ ସେତୁ ନଥିଲା। ସେଠି ରାଜ୍ୟ ସରକାର ବିଜୁ ସେତୁ ଯୋଜନାରେ ଆରମ୍ଭ କଲେ ସେତୁ ନିର୍ମାଣ ପ୍ରକଳ୍ପ। ୨୦୧୧ ମସିହା ପରଠାରୁ ମାତ୍ର ୩୦ ପ୍ରତିଶତ ସେତୁ କାମ ସରିଥିବା ବେଳେ ପାଖାପାଖି ୬୭ ପ୍ରତିଶତ ବିଜୁ ସେତୁ ଏବେ ଅଧାରେ ଅଟକି ରହିଛି। ଏକଥା ଖୋଦ ବିଜୁ ସେତୁ ପରାମର୍ଶଦାତା ତଥା ପ୍ରିନ୍ସିପାଲ ସେକ୍ରେଟାରୀ ପାହିଆରେ ଥିବା ଅଧିକାରୀ ଦିଲ୍ଲୀପ କୁମାର ସାହୁ କହିଛନ୍ତି।

ଖବର ମୁତାବକ, ବାଲେଶ୍ୱରରେ ବିଜୁ ସେତୁର ଭାଗ୍ୟ ଅନେକାଂଶ ସ୍ଥାନରେ ଅନିଶ୍ଚିତତା ଭିତରେ ରହିଛି। କେଉଁଠି ସ୍ଥାନ ନିରୁପଣ ନହୋଇ କାମ ହୋଇଛି ତ, ଆଉ କେଉଁଠି ଜମି ଅଧିଗ୍ରହଣ ନହୋଇ ପୋଲ ହୋଇଛି। ଏମିତିକି ରେଲୱେ ଜାଗାରେ ପୋଲ କାମ ଆରମ୍ଭ କରି ହିନସ୍ତା ହେବାକୁ ପଡିଛି ଗ୍ରାମ୍ୟ ଉନ୍ନୟନ ବିଭାଗକୁ। ଏବେ ସୁଦ୍ଧା ବାଲେଶ୍ୱର ଜିଲ୍ଲାକୁ ଯେତିକି ପୋଲ ବିଜୁ ସେତୁ ଯୋଜନାରେ ହେଉଥିଲା ସେ ଭିତରୁ ଏସବୁ କାରଣ ପାଇଁ ୧୬ଟି ପୋଲ ଅଧାରେ ଅଟିକିଛି।

ବାଲେଶ୍ୱର ସହର ପାଖରେ ଥିବା କସିମିଳା-ବାଲେଶ୍ୱର ମଧ୍ୟରେ ଚାଲିଥିବା ଏକ ପୋଲ ଏହାର ଅନ୍ୟ ଗୋଟିଏ ନମୁନା। ଏହି ପୋଲ ୮ ବର୍ଷ ଧରି ଚାଲିଛି ଯେ ଚାଲିଛି, ସରିବାର ନାଁ ଧରୁନି। ରେଲୱେ ବିଭାଗ ଓ ଜିଲ୍ଲା ପ୍ରଶାସନ ଟଣାଓଟରା ଭିତରେ ବଳି ପଡିଛନ୍ତି ସାଧାରଣ ଜନତା। ପୋଲ କାମ ଶେଷ ହେଉନଥିବାରୁ ବର୍ଷ ବର୍ଷ ଧରି ବିପଦ ସଙ୍କୁଳ ଅବସ୍ଥାରେ ରେଲେୱେ ବ୍ରିଜର ପାଦଚଲା ରାସ୍ତା ଉପରେ ପ୍ରତିଦିନ ୨୦ ଖଣ୍ଡ ଗାଁର ଲୋକେ ଗାଡ଼ିମୋଟର ଧରି ଯାତାୟତ କରୁଛନ୍ତି। ଏହି ରାସ୍ତା ଦେଇ ନ ଗଲେ ସେମାନଙ୍କୁ ୨୦ କିଲୋମିଟର ବୁଲାଣି ରାସ୍ତା ଅତିକ୍ରମ କରି ବାଲେଶ୍ୱରରେ ପହଞ୍ଚିବାକୁ ପଡୁଛି।

ଏନେଇ ନଗରମ ପୂର୍ବତନ ସରପଞ୍ଚ ସର୍ବେଶ୍ୱର ମହାନ୍ତି କହିଛନ୍ତି, ବିଜୁ ସେତୁ କାମ ସାରିବାକୁ ଅନେକ ଥର ଡିଆରଏମ୍ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ ଦେଖା କରିବାକୁ ପଡ଼ିଛି। ହେଲେ କାମ କରିବାରେ କୌଣସି ଦ୍ୱନ୍ଦ୍ୱ ନ ଥିବା ସମସ୍ତେ କହୁଛନ୍ତି। ହେଲେ କାମ ଆଗଉନି। ରେଲୱେ ବିଭାଗ ସହ ପ୍ରଶାସନ ଜମି ଅଧିଗ୍ରହଣ ତଥା ଲିଜ୍ ନେଇ ଯେଉଁ ପଦକ୍ଷେପ ନେବା କଥା ନେଉନି। ତେଣୁ କାମ ଅଟକି ଥିବା ଜଣାପଡୁଛି। ଫୁଲାଡି ବାସିନ୍ଦା ସର୍ବେଶ୍ୱର ବାଗୁଡି କହିଛନ୍ତି, ବ୍ରିଜ୍ କାମ ନ ସରିବା ଯୋଗୁ ଲୋକେ ହିନସ୍ତା ହେଉଛନ୍ତି। ରେଲୱେ ବ୍ରିଜ୍ ଉପରେ ଯିବାବେଳେ ଶିଶୁମାନେ ପଡ଼ି ମୃତାହତ ହେଉଛନ୍ତି। ହେଲେ ପ୍ରଶାସନ ଦୃଷ୍ଟି ଦେଉନି। ନିର୍ବାଚନ ଆସିଲେ ବ୍ରିଜ୍ ଆରମ୍ଭ ହେଉଛି, ପରେ ପୁଣି ବନ୍ଦ ହୋଇଯାଉଛି। ସରକାର ଲୋକଙ୍କୁ ଭୂଆଁ ବୁଲାଇ ଭୋଟ ରାଜନୀତି କରୁଛି। ଏହି ପୋଲ ତିଆରି ନିମନ୍ତେ ଯେଉଁମାନେ ଆନ୍ଦୋଳନ କରୁଥିଲେ ସେମାନଙ୍କ ମଧ୍ୟରୁ ଅନେକ ଆଖି ବୁଜି ସାରିଲେଣି। ହେଲେ ସରକାର ପୋଲ ସାରିବା ପ୍ରତି ଦୃଷ୍ଟି ଦେଉନି। ଠିକ୍ ସେହିପରି ରେମୁଣା ବ୍ଲକର ନୂଆପାଢି ପଞ୍ଚାୟତର ସୋନ ନଦୀ ଉପରେ ଘୁଙ୍ଗି ଘାଟରେ ହୋଇଥିବା ପୋଲକୁ ଆପ୍ରୋଚ ରୋଡ ହେବା କାମ ଅଟକି ପଡ଼ିଛି। ଜମି ଅଧିଗ୍ରହଣ ନସରିବା କାରଣରୁ ଅଧାରେ ଅଟକି ରହିଛି ଏହି କାମ। ତେଣୁ ଲୋକେ ବାଉଁଶ ଲଗାଇ ଅସ୍ଥାୟୀ ବାଟ କରିଛନ୍ତି। ଏହା ବିପଦସଙ୍କୁଳ ହୋଇଥିଲେ ହେଁ ଅନ୍ୟ ବାଟ ନ ଥିବାରୁ ଲୋକେ ଏହା ଉପରେ ଯାତାୟତ କରୁଛନ୍ତି। ଯାତାୟତ ବେଳେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ହେଲେ ସେମାନେ ନିରୁପାୟ।

ନିକଟରେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ପଦ୍ମପୁର ପଞ୍ଚାୟତର ବାଙ୍କେଶ୍ୱର ଠାରେ ପାଖାପାଖି ୪ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ବିଜୁ ସେତୁର ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ସୁଧାଂଶୁ ଶେଖର ପରିଡା। ତେବେ ଏହା କେବେ ସରିବ ସେନେଇ କିଛି ବି ଭାଗ୍ୟ ଭବିଷ୍ୟତ ସ୍ଥିର ହୋଇନି।

ବିଜୁ ସେତୁ ଯୋଜନା ପରାମର୍ଶଦାତା ଦିଲ୍ଲୀପ କୁମାର ସାହୁ କହିଛନ୍ତି, ରାଜ୍ୟରେ ଜମିଅଧିଗ୍ରହଣ ସହ ଅନ୍ୟାନ୍ୟ ସମସ୍ୟା ପାଇଁ ପାଖାପାଖି ୬୭ ପ୍ରତିଶତ ବିଜୁ ସେତୁ ଅଧାରେ ଅଟକିଛି। କିଭଳି ଭାବେ ଏହି କାମ ସରିବ ସେ ସେଥିପାଇଁ ସେ ସରକାରଙ୍କୁ ପରାମର୍ଶ ଦେବେ।

ସୂଚନା ଥାଉକି, ଆଗକୁ ନିର୍ବାଚନ ଥିବାରୁ ରାଜ୍ୟ ସରକାର ୨୦୨୪-୨୫ ସୁଦ୍ଧା ଆହୁରି ୮୬୬ଟି ବିଜୁ ସେତୁ ପ୍ରକଳ୍ପକୁ କ୍ୟାବିନେଟରେ ମଞ୍ଜୁରି ଦେଇଛନ୍ତି। ରାଜ୍ୟବାସୀଙ୍କୁ ଭୋଟ ଥୋପ ପକାଇଛନ୍ତି। ବିଜୁ ସେତୁ ଯୋଜନାରେ ବ୍ୟାପକ ଅନିୟମିତତା ନେଇ କିଛ ଦିନ ତଳେ ଖୋଦ୍ ସିଏଜି ତାଙ୍କ ରିପୋର୍ଟ ଦେଇଥିଲେ। ରାଜ୍ୟରେ ବିଜୁ ସେତୁର ଭାଗ୍ୟ ଅନିଶ୍ଚିତତା ଭିତରେ ଗତି କରୁଥିବା ବେଳେ ଆଗକୁ ନିର୍ବାଚନକୁ ଅଖିରେ ରଖି ପୁଣି ନୂଆ ସେତୁ ଘୋଷଣା କରିବା କେତେଦୂର ସଫଳ ହେଉଛି ଦେଖିବାର କଥା।

# ପିଆଜ କେଜି ୪ ଟଙ୍କା, ମୁଣ୍ଡରେ ହାତ ଦେଲେଣି ଚାଷୀ



ପିଆଜ କେଜି ୪ ଟଙ୍କା। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳର ଚାଷୀ ଏବେ ସାହୁକାର ଓ ଦଲାଲଙ୍କୁ ବାଧବାଧକତା ଭିତରେ ଏହି ଦାମ୍‌ରେ ପିଆଜ ବିକ୍ରି କରୁଛନ୍ତି। ପ୍ରଚୁର ପରିମାଣରେ ପିଆଜ ଅମଳ ହେବା ଓ ଏହାକୁ ସଂରକ୍ଷଣ କରିବା ନିମନ୍ତେ ଟିଟିଲାଗଡ଼ରେ ଆବଶ୍ୟକ ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି।

ସିନ୍ଦେକେଲାର ଚାଷୀ ଅନିରୁଦ୍ଧ ସାହୁ କହିଛନ୍ତି, ଟିଟିଲାଗଡ଼ରେ ପ୍ରତିବର୍ଷ ଉତ୍କୃଷ୍ଟମାନର ପିଆଜ ଅମଳ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଫସଲ ଭଲ ହୋଇଛି। ଏହି ପିଆଜର ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରେ ରହିଛି। ତେବେ ଅମଳ ହେବା ମାତ୍ରେ ପିଆଜ ବିକ୍ରି କରିବା ଛଡ଼ା ଚାଷୀଙ୍କ ପାଖରେ ଅନ୍ୟବାଟ ନାହିଁ। ଚାଷୀ ନିରୁପାୟ। ପିଆଜ ସାଇତି ରଖିବା ପାଇଁ ଏଠାରେ ଚାଷୀଙ୍କ ନିମନ୍ତେ ଶୀତଳଭଣ୍ଡାର କିମ୍ବା ଗୋଦାମ ଘର ନାହିଁ। ଖୁବ୍ କମ୍ ଦାମରେ ସାହୁକାର ଓ ବାହାର ରାଜ୍ୟର ଦଲାଲଙ୍କୁ ଅମଳ ପିଆଜ ଦେଇଥାନ୍ତି। ୨ ମାସ ପରେ ସାଧାରଣ ଆବଶ୍ୟକତା ମେଣ୍ଟାଇବା ନିମନ୍ତେ ଅଧିକ ଦରରେ କିଣୁଛନ୍ତି। ଦୁଇମାସ ପରେ ପିଆଜ ଦାମ ୪ ଗୁଣା ବଢ଼ି ଯାଇଛି। ହେଲେ ସରକାର ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ଖାଦ୍ୟ ପ୍ରକ୍ରିୟାକରଣ ଜରିଆରେ ପିଆଜରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇପାରନ୍ତା। ହେଲେ ଚାଷୀଙ୍କୁ ଏବାଦରେ ଟ୍ରେନିଂ କିମ୍ବା ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁନି।

ଚାଷୀ ପଦ୍ମନାଭ କହିଛନ୍ତି, ପିଆଜ ବିକ୍ରି କରିବାକୁ ଚାଷୀଙ୍କ ନିମନ୍ତେ ସରକାର କୌଣସି ଠାରେ ମଣ୍ଡି କରୁନାହାନ୍ତି। ଏବେ ଦଲାଲମାନେ ଚାଷୀଙ୍କ ପାଖରୁ ପିଆଜ କୁଇଣ୍ଟାଲ ପିଛା ୪୦୦ରୁ ୫୦୦ ଟଙ୍କା କିଣି ନେବାକୁ ପ୍ରସ୍ତାବ ଦେଉଛନ୍ତି। କିଛି ଫସଲ ବିକ୍ରି ହୋଇଛି, ଆଉକିଛି ଦର ବଢ଼ିଲେ ବିକ୍ରି କରିବାକୁ ଆଶା ରହିଛି। ପାଣିପାଗକୁ ଦେଖି ଭୟ ରହିଥିବାରୁ ଚାଷ ଜମିକୁ ହରଦମ ଜଗି ବସିବାକୁ ପଡୁଛି। ପରିଶ୍ରମ ମୁତାବକ ଖର୍ଚ୍ଚ ମିଳୁ ନ ଥିବାରୁ ଦୁଃଖ ଲାଗୁଛି। ଧାରକରଜ କରି ଚାଷ ହୋଇଥିବାରୁ ଅମଳ ପରେ କିପରି ଋଣ ଟଙ୍କା ପରିଶୋଧ କରାଯିବ ତାହାର ଚିନ୍ତା ମଧ୍ୟ ରହିଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ।

ପିଆଜ ଚାଷ ପାଇଁ ସର୍ବଭାରତୀୟସ୍ତରରେ ଦୁଇ ନମ୍ବର ସ୍ଥାନରେ ରହିଛି ଟିଟିଲାଗଡ ଅଞ୍ଚଳ। ନାସିକ ଅଞ୍ଚଳର ପିଆଜ ପରେ ଟିଟିଲାଗଡ ଅଞ୍ଚଳର ପିଆଜର ସବୁଠି ବେଶ୍ ଚାହିଦା ରହିଛି।

ଟିଟିଲାଗଡ଼ର ଚାଷୀମାନେ ଧାନ ଅମଳ ହେବା ପରେ ପରେ ଉକ୍ତ ଜମିରେ ପିଆଜ ଚାଷ କରିଥାନ୍ତି। ପରିବାରର ସମସ୍ତେ ଏହି ଚାଷ ପାଇଁ ଜମିରେ ଶ୍ରମ ଦେଇଥାନ୍ତି। ଜଳସେଚନ ସୁବିଧା ନଥିଲେ କୁଆଁରୁ ପାଣି କ୍ଷେତକୁ ମଡ଼ାଇ ଥାନ୍ତି। ଏତେ ପରିଶ୍ରମ ପରେ ମଧ୍ୟ ସେମାନଙ୍କୁ କୌଣସି ଲାଭ ମିଳେ ନାହିଁ। ପିଆଜର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରା ନ ଯିବା ଓ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ଦଲାଲମାନଙ୍କ ଶିକାର ହୋଇଥାନ୍ତି। ଚାଷୀଙ୍କୁ ହାଡ଼ଭଙ୍ଗା ପରିଶ୍ରମର ଉଚିତ୍ ମୂଲ୍ୟ ମିଳିପାରୁନାହିଁ। ସେମାନେ ପ୍ରତିବର୍ଷ କ୍ଷତିଗ୍ରସ୍ତ ହେଉଛନ୍ତି।

# ଟ୍ୱିଟର ଦେଲା ଝଟକା; ବନ୍ଦ ହେଲା ମାଗଣା ବ୍ଲୁ ଟିକ୍ ସର୍ଭିସ




ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଭେରିଫାଏଡ ଆକାଉଣ୍ଟରୁ ବ୍ଲୁ ଟିକ୍ ହଟାଇଲା ଟ୍ୱିଟର । ବଡ଼ ବଡ଼ ସେଲିବ୍ରିଟି, ରାଜନେତା, ସ୍ପୋର୍ଟ୍ସମ୍ୟାନ୍‌ଙ୍କ ଆକାଉଣ୍ଟରୁ ଗାଏବ ହୋଇ ଯାଇଛି ବ୍ଲୁ ଟିକ୍ । ଟ୍ୱିଟର ବସ୍ ଏଲନ୍ ମସ୍କଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗତକାଲି ରାତିରୁ ଆରମ୍ଭ ହୋଇଛି ଏହି ଅଭିଯାନ।

ଦେଶର ବଡ଼ ବଡ଼ ସେଲିବ୍ରିଟି, ରାଜନେତା, କ୍ରିକେଟରଙ୍କ ଟ୍ୱିଟର ଆକାଉଣ୍ଟରୁ ବ୍ଲୁ- ଟିକ୍ ହଟାଇ ଦେଇଛି ମାଇକ୍ରୋ ବ୍ଲଗିଂ ସାଇଟ୍ ଟ୍ୱିଟର । ଅମିତାଭ ବଚ୍ଚନ, କିଙ୍ଗ ଖାନ ଶାହାରୁଖଙ୍କ ସମେତ ଭାଇଜାନ ସଲମାନ, ଆଲିଆ ଭଟ୍ଟଙ୍କ ଆକାଉଣ୍ଟରୁ ବି ହଟି ଯାଇଛି ବ୍ଲୁ ଟିକ୍।

ଫିଲ୍ମଷ୍ଟାର, କ୍ରିକେଟରଙ୍କ ବ୍ୟତୀତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କଂଗ୍ରେସ ନେତା ରାହୁଲଗାନ୍ଧି ଏବଂ ପ୍ରିୟଙ୍କା ରୋବର୍ଟ ଭଦ୍ରା, ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ କ୍ଷେତ୍ରରେ ବି ସମାନ ନିୟମ ଲାଗୁ କରିଛି ଟ୍ୱିଟର।

ପୂର୍ବରୁ ବ୍ଲୁଟିକ୍ ପାଇଥିବା ୟୁଜର୍ସଙ୍କୁ କୌଣସି ଶୁଳ୍କ ଦେବାକୁ ପଡୁନଥିବା ବେଳେ ଏବେ ମାସକୁ ମାସ ଟଙ୍କା ଗଣିବାକୁ ପଡ଼ିବ। ଏଥିନିମନ୍ତେ ମାସକୁ ୬୫୦ ଟଙ୍କା ଦେବାକୁ ପଡ଼ିବ । ଆପଣ ବାର୍ଷିକ ପ୍ଲାନ୍ ନେବାକୁ ଚାହିଁଲେ ଆପଣଙ୍କୁ ୬,୮ଶହ ଟଙ୍କା ପଇଠ କରିବାକୁ ପଡ଼ିବ । ଏଥିନିମନ୍ତେ ମୋବାଇଲ୍ ୟୁଜର୍ସଙ୍କୁ ୯୦୦ ଟଙ୍କା ଗଣିବାକୁ ପଡ଼ିବ ।

କେବଳ ଭାରତ ନୁହେଁ ଆମେରିକା, ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ଜାପାନ ଭଳି ଦେଶଗୁଡିକରେ ୟୁଜର୍ସଙ୍କୁ ଟ୍ୱିଟର ବ୍ଲୁଟିକ୍ ପାଇଁ ମାସକୁ ୮ ଡଲାର ଦେବାକୁ ପଡୁଛି। ସେହିପରି ବାର୍ଷିକ ସବସ୍କ୍ରିପସନ୍ ପାଇଁ ୮୪ ଡଲାର ଦେବାକୁ ପଡୁଛି।

ଗତ ବର୍ଷ ୪୪ ବିଲିୟନ୍ ଡଲାର୍ ଦେଇ ଟ୍ୱିଟରକୁ କିଣିଥିଲେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କ। ଏହାପରେ ମସ୍କ ମାଇକ୍ରୋ ବ୍ଲଗିଂ ଆପ ଟ୍ୱିଟରରେ ଅନେକ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ମଧ୍ୟ ଏଲନ ମସ୍କ ବ୍ଲୁ-ଟିକ୍ ପାଇଁ ଆଗକୁ ଚାର୍ଜ ଦେବାକୁ ପଡ଼ିବ ବୋଲି ଘୋଷଣା କରିଥିଲେ। ଯାହା ଏବେ ଲାଗୁ ହୋଇଛି।

### ଟ୍ୱିଟର ବ୍ଲୁ-ଟିକ୍‌ରେ କ'ଣ ରହିଛି ସୁବିଧା ?

- ଟ୍ୱିଟର ବ୍ଲୁ ସବସ୍କ୍ରିପସନ୍ ସହିତ ୟୁଜର୍ସମାନଙ୍କୁ ଏକ ବ୍ଲୁ ଚେକ୍ ମାର୍କ କିମ୍ବା ଟିକ୍ ମଧ୍ୟ ଦିଆଯାଏ। ଏହା ସହିତ ୟୁଜର୍ସମାନେ ଟ୍ୱିଟ୍ ଏଡିଟ୍ କରିବା, ୧୦୮୦p ଭିଡିଓରେ ଭିଡିଓ ଅପଲୋଡ୍ କରିବା ଏବଂ ରିଡର୍ ମୋଡ୍ ଆକ୍ସେସ୍ କରିବାର ବିକଳ୍ପ ପାଇପାରିବେ।
- ଏହା ବ୍ୟତୀତ ଟ୍ୱିଟର ବ୍ୟବହାରକାରୀମାନେ କମ୍ ବିଜ୍ଞାପନ ଦେଖିବାକୁ ପାଇବେ। ଯେଉଁମାନେ ବ୍ଲୁ-ଟିକ୍ ସବସ୍କ୍ରିପସନ୍ ନେଇ ନାହାନ୍ତି ସେମାନେ ଆଗାମୀ ସମୟରେ ଅଧିକ ବିଜ୍ଞାପନ ଦେଖିବାକୁ ପାଇବେ। କମ୍ପାନୀ କହିଛି ଯେ ଯାଞ୍ଚ ହୋଇଥିବା ଉପଭୋକ୍ତାଙ୍କ ଟ୍ୱିଟକୁ ରିପ୍ଲାଏ ଏବଂ ଟ୍ୱିଟରେ ମଧ୍ୟ ପ୍ରାଥମିକତା ମିଳିବ।
- କେବଳ ଏତିକି ନୁହେଁ, ଏହି ସେବା ଗ୍ରହଣ କରୁଥିବା ୟୁଜର୍ସମାନେ ୪୦୦୦ ଅକ୍ଷରର ଟୁଇଟ୍ ପୋଷ୍ଟ କରିବାକୁ ସକ୍ଷମ ହେବେ।

### ପାକିସ୍ତାନ ସ୍ଥିତି ବେହାଲ

# ୩ ବର୍ଷରେ ଶୁଝିବାକୁ ପଡ଼ିବ ୭୭ ବିଲିୟନ ଡଲାର



ପାକିସ୍ତାନର ଖରାପ ଦିନ ଶେଷ ହେବାର ନାଁ ଧରୁନି। ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିବା ପାକିସ୍ତାନ ସ୍ଥିତି ବର୍ତ୍ତମାନ ସଂପୂର୍ଣ୍ଣ ବେହାଲ ହୋଇଗଲାଣି। ବିଭିନ୍ନ ଖାଦ୍ୟ ସାମଗ୍ରୀର ଦାମ ଆକାଶ ଛୁଆଁ ହୋଇଥିବା ବେଳେ ଲୋକମାନେ ଆବଶ୍ୟକ ଜିନିଷ ପାଉ ନାହାନ୍ତି। ଏହାକୁ ନେଇ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଥିବା ପାକିସ୍ତାନ ଏବେ ନୂଆ ସଙ୍କଟରେ ଫସିଛି।

ପାକିସ୍ତାନ ସରକାରଙ୍କୁ ୨୦୨୩ ଏପ୍ରିଲ ମାସରୁ ୨୦୨୬ ଜୁନ ମାସ ମଧ୍ୟରେ ମୋଟ ୭୭ ବିଲିୟନ ଡଲାରର ବିଦେଶୀ ଋଣ ପୈଠ କରିବାକୁ ପଡ଼ିବ। ଚାଇନା ଓ ସାଉଦି ଆରବକୁ ପାକିସ୍ତାନ ଏହି ଋଣ ବାବଦ ଅର୍ଥ ଦେବେ। ଯଦି ପାକିସ୍ତାନ ଏହାକୁ ପୈଠ ନ କରିପାରିବେ, ତା'ହେଲେ ଦେଶକୁ ଦେବାଳିଆ ମଧ୍ୟ ଘୋଷଣା କରାଯାଇ ପାରେ।

ଆମେରିକାର ଗୋଟିଏ ପ୍ରସିଦ୍ଧ ଥିଙ୍କଟ୍ୟାଙ୍କ ପକ୍ଷରୁ ପାକିସ୍ତାନର ଆର୍ଥିକ ସଙ୍କଟକୁ ନେଇ ରିପୋର୍ଟ ପ୍ରକାଶ କରାଯାଇଛି। ପୂରା ସ୍ଥିତିକୁ ବଶ୍ଲେଷଣ କରିବା ପରେ ୟୁନାଇଟେଡ ଷ୍ଟେଟସ ଇନଷ୍ଟିଚ୍ୟୁଟ ଅଫ ପିସ (ୟୁଏସ୍ଆଇପି) ପକ୍ଷରୁ ପାକିସ୍ତାନ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆକାଶ ଛୁଆଁ ମୁଦ୍ରାସ୍ଫୀତି, ରାଜନୀତିକ ଅସ୍ଥିରତା ଓ ବୃଦ୍ଧି ପାଉଥିବା ଆତଙ୍କବାଦ ଦ୍ୱାରା ପ୍ରଭାବିତ ପାକିସ୍ତାନ ଉପରେ ବିଦେଶୀ ଋଣର ଚାପ ବଢ଼ିବାରେ ଲାଗିଛି।

ସ୍ଥିତି ଏପରି ହୋଇଛି ଯେ ପାକିସ୍ତାନ ଦେବାଳିଆ ମଧ୍ୟ ଘୋଷିତ ହୋଇପାରେ। ଦେଶ ବଡ଼ଧରଣର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ବେଳେ ବିଦେଶୀ ଋଣ ଚାପ, ସ୍ଥାନୀୟ ମୁଦ୍ରା ଦୁର୍ବଳ ହେବା ଓ ବିଦେଶୀ ମୁଦ୍ରା ପାଣ୍ଠି ହ୍ରାସ ପାଇବା ସମସ୍ୟାକୁ ଦୁଇ ଗୁଣ ବଢ଼ାଇ ଦେଇଛି। ୩୫୦ ବିଲିୟନ ଡଲାର ଅର୍ଥନୀତିର ଦେଶ ପାକିସ୍ତାନକୁ ୨୦୨୬ ଜୁନ ମାସ ସୁଦ୍ଧା ୭୭.୫ ବିଲିୟନ ଡଲାରର ଋଣ ପୈଠ କରିବାକୁ ପଡ଼ିବ। ଏହା ଦେଶ ପାଇଁ ବହୁତ ବଡ଼ ସମସ୍ୟା। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଅର୍ଥ ପୈଠ ନ ହୋଇପାରିବ, ତା'ହେଲେ ପାକିସ୍ତାନ ଦେବାଳିଆ ଘୋଷିତ ହେବ। ଏଥିସହ ଏହାର କୁପ୍ରଭାବ ଦେଶ ଉପରେ ମଧ୍ୟ ପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି। ଚାଇନା, ଘରୋଇ ଋଣଦାତା ଓ ସାଉଦି ଆରବକୁ ୩ ବର୍ଷ ମଧ୍ୟରେ ପାକିସ୍ତାନ ଏତେ ପରିମାଣର ଋଣ ବାବଦ ଅର୍ଥ ଦେବ।

# ଓଡ଼ିଶା ଜଳବାୟୁରେ ଫଳିଛି ସବୁଜ ସେଓ



ଓଡ଼ିଶା ଜଳବାୟୁରେ ସବୁଜ ସେଓ ଚାଷ। ବିଶ୍ୱାସ ହେଉନଥିଲେ ବି ସତ। କାରଣ ଓଡ଼ିଶା ଭଳି ଗରମ ଜଳବାୟୁରେ ସେଓ ଫଳିବା ସମ୍ଭବ ନୁହେଁ। ମାତ୍ର ଅତ୍ୟଧିକ ଥଣ୍ଡା ଜଳବାୟୁରେ ଫଳୁଥିବା ସେଓକୁ ୪୦ ଡିଗ୍ରୀରୁ ଅଧିକ ତାପମାତ୍ରାରେ ପରୀକ୍ଷାମୂଳକ ଭାବେ ଚାଷ କରି ସଫଳ ହୋଇଛନ୍ତି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନସ୍ଥ କଦଳୀମୁଣ୍ଡା ଗ୍ରାମର ଯୁବ ଚାଷୀ କାଳେଶ୍ୱର କାଣ୍ଡ। ସେ ନିଜର ପରିଶ୍ରମ ଓ ଅଧ୍ୟବସାୟ ବଳରେ ଅସମ୍ଭବ କାମକୁ ସମ୍ଭବ କରି ଦେଖାଇଛନ୍ତି।

କାଳେଶ୍ୱରଙ୍କ ବଗିଚାରେ ୧୫୦ରୁ ଅଧିକ ଗଛରେ ଫଳିଛି ଗ୍ରୀନ୍ ସେଓ। ଗତ ଅଢ଼େଇ ବର୍ଷ ତଳେ କରୋନା ଲକଡାଉନ ସମୟରେ ୟୁଟ୍ୟୁବ ଏବଂ ଇଣ୍ଟରନେଟ ମାଧ୍ୟମରେ ସେଓ ଚାଷ ସଂପର୍କରେ ତଥ୍ୟ ସଂଗ୍ରହ କରି ସେ କାମ ଆରମ୍ଭ କରିଥିଲେ। ସେଓ ଚାଷ କିପରି ଅଧିକ ତାପମାତ୍ରା ଜଳବାୟୁରେ ହୋଇ ପାରିବ ଭାବି ସେ କୃଷି ଗବେଷଣା ସଂସ୍ଥାମାନଙ୍କ ସହ ଯୋଗାଯୋଗ ଆରମ୍ଭ କଲେ। ଏହାପରେ ସେ ହିମାଚଳ ପ୍ରଦେଶରୁ ୧୫୦ଟି ସେଓ ଚାରା ମଗାଇ ନିଜର ୭୦ ଡେସିମିଲ ଜାଗାରେ ଚାରା ରୋପଣ କରିଥିଲେ। ସେଓ ଚାଷ ପାଇଁ ଧର୍ମଗଡ଼ ଉଦ୍ୟାନ ବିଭାଗ ମଧ୍ୟ କାଳେଶ୍ୱରଙ୍କୁ ସହଯୋଗ କରିଥିଲେ। ଏବେ ତାଙ୍କ ବଗିଚାରେ ଫଳୁଥିବା ସେଓ ଭାରି ସୁଆଦିଆ। ତାଙ୍କ ବଗିଚାରେ ଫଳିଥିବା ସେଓ ଦେଖିବାକୁ ଲୋକମାନଙ୍କ ଭିଡ଼ ଲାଗିରହିଛି।

ଏହି କାର୍ଯ୍ୟରେ ପତ୍ନୀ ସାବିତ୍ରୀ କାଣ୍ଡଙ୍କ ପ୍ରେରଣା ତାଙ୍କୁ ଆଗକୁ ବଢ଼ାଇଛି। ପୂର୍ବରୁ ପିଜୁଳି ଚାଷ ପାଇଁ କଦଳୀମୁଣ୍ଡା ଗାଁ ପ୍ରସିଦ୍ଧ ରହିଥିବା ବେଳେ ଏବେ ସଫଳତାର ସହ ସେଓ ଚାଷ କରି ଅନ୍ୟ ଯୁବ ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛି। ଆଗକୁ ଏଠାରେ ସେଓ ଚାରା ପ୍ରସ୍ତୁତି ପାଇଁ ମଧ୍ୟ ଯୋଜନା ଆରମ୍ଭ କରିଛନ୍ତି କାଳେଶ୍ୱର। ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି ସ୍ଥାନୀୟ ବାସିନ୍ଦା।

ସରକାରୀ ସାହାଯ୍ୟ, ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଆଗକୁ ଆହୁରି ଭଲ ଚାଷ କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି କାଳେଶ୍ୱର କହିଛନ୍ତି।

# ସାମ୍ପଲ ଟେଷ୍ଟରେ ୪୮ ମେଡିସିନ ଫେଲ୍



ସାମ୍ପଲ ଟେଷ୍ଟରେ ଝୁଣ୍ଟି ପଡ଼ିଲା ୪୮ ମେଡିସିନ । ପାସ୍ କରିବା ହେଲା କାଠିକର ପାଠ । ଏହା ମଧ୍ୟରେ ହୃଦରୋଗ ସମ୍ବନ୍ଧିତ ମେଡିସିନ ଥିବା ବେଳେ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରୁଥିବା ମେଡିସିନ ବି ରହିଛି। କେନ୍ଦ୍ରୀୟ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (CDSCO)ର ଏକ ରିପୋର୍ଟରେ ଏହି ଚାଞ୍ଚଲ୍ୟକର ଖୁଲାସା ହୋଇଛି।

ଗତ ମାସରେ ସମୁଦାୟ ୧୪୯୭ ମେଡିସିନର ସାମ୍ପଲ ଟେଷ୍ଟ ହୋଇଥିବା ବେଳେ ସେଥି ମଧ୍ୟରୁ ୪୮ ମେଡିସିନ ଏହି ଟେଷ୍ଟ ପାସ୍ କରି ପାରି ନ ଥିଲେ। କେନ୍ଦ୍ରୀୟ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ଯାଞ୍ଚ ଅନୁଯାୟୀ, ଏହି ୪୮ ମେଡିସିନ ମଧ୍ୟରୁ ଉତ୍ତରାଖଣ୍ଡରେ ପ୍ରସ୍ତୁତ ୧୪ ମେଡିସିନ, ହିମାଚଳ ପ୍ରଦେଶର ୧୩ ମେଡିସିନ, କର୍ଣ୍ଣାଟକର ୪ ମେଡିସିନି, ମହାରାଷ୍ଟ୍ର ଓ ଦିଲ୍ଲୀର ୨ଟି ଲେଖା ମେଡିସିନ, ଗୁଜରାଟ, ମଧ୍ୟପ୍ରଦେଶ, ସିକିମ, ଜମ୍ମୁ, କଶ୍ମୀର, ପୁଡୁଚେରୀର ଗୋଟିଏ ଲେଖା ମେଡିସିନ ନାଁ ସାମିଲ ଅଛି।

ସିଡିଏସସିଓ ରିପୋର୍ଟ ଅନୁଯାୟୀ, ଏହି ମେଡିସିନଗୁଡ଼ିକ ମଧ୍ୟରେ ଲାଇକୋପିନ୍ ମିନେରାଲ୍ ସିରପ୍ ଭଳି ମେଡିସିନ ବି ସାମିଲ ଅଛି। ଯାହାକୁ ଲୋକମାନେ ଉଚ୍ଚ ରକ୍ତଚାପ, ହାଇ କୋଲେଷ୍ଟରଲ, କ୍ୟାନସର ପରି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଲେ ସେବନ କରିଥାନ୍ତି। ଏହାବାଦ ଭିଟାମିନ୍ ସି ଇଞ୍ଜେକ୍ସନ୍, ଫୋଲିକ୍ ଏସିଡ୍ ଇଞ୍ଜେକ୍ସନ୍, ଆଲବେଣ୍ଡଜୋଲ୍

କୌଶିକ୍ ଡୋକ୍ -୫୦୦, ନିକୋଟିନାମାଇଡ୍ ଇଞ୍ଜେକ୍ସନ୍, ଅଲସିପ୍ଲେକ୍ସ ଆଦି ମେଡିସିନ ବି ରହିଛି।

ଶରୀରକୁ ଆବଶ୍ୟକ ମୁତାବକ ଭିଟାମିନ୍ ଯୋଗାଇବା ସହ, ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବା, ଆଜର୍ଲି, ଏସିଡ, ଫୋଙ୍ଗାଲ ଇଡ଼ଫେକ୍ସନକୁ ଦୂର କରିବାକୁ ଏହି ମେଡିସିନ ସେବନ କରାଯାଇଥାଏ। ମାତ୍ର ଏବେ ଏହା ସାମ୍ପଲ ଟେଷ୍ଟରେ ବିଫଳ ହୋଇଥିବାରୁ ଏହାକୁ ସେବନ କରୁଥିବା ଲୋକଙ୍କ ମଧ୍ୟରେ ଭାଳେଣି ପଡ଼ି ଗଲାଣି।

ସାମ୍ପଲ ଟେଷ୍ଟରେ ବିଫଳ ହୋଇଥିବା ଫାର୍ମା କମ୍ପାନୀଙ୍କୁ ନୋଟିସ ଜାରି କରି ଏନେଇ ସ୍ପଷ୍ଟୀକରଣ ମଗାଯାଇଛି। ଟେଷ୍ଟରେ ବିଫଳ ହୋଇଥିବା ମେଡିସିନଗୁଡ଼ିକୁ ତୁରନ୍ତ ବଜାରରୁ ପ୍ରତ୍ୟାହାର କରି ନେବାକୁ ଆଦେଶ ଦିଆଯାଇଛି। ଏଥିସହ ଉକ୍ତ ଫାର୍ମା କମ୍ପାନୀଗୁଡିକର ଯାଞ୍ଚ ପାଇଁ ସମସ୍ତ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସିଡିଏସସିଓ ଦ୍ୱାରା କିଛି ମାସ ଅନ୍ତରରେ ବିଭିନ୍ନ ଫାର୍ମା କମ୍ପାନୀର ମେଡିସିନମାନଙ୍କର ସାମ୍ପଲ ଟେଷ୍ଟ କରାଯାଇଥାଏ। ଗତ ବର୍ଷ ନଭେମ୍ବରରେ ବି ସାମ୍ପଲ ଟେଷ୍ଟ ହୋଇଥିବା ବେଳେ ପ୍ରାୟ ୫୦ ପ୍ରକାର ମେଡିସିନ ବିଫଳ ହୋଇଥିଲେ। ସେଥିରେ ବହୁ ଆଣ୍ଟି ବାୟୋଟିକ ମେଡିସିନ ବି ସାମିଲ ଥିଲା।

# ସଚିନଙ୍କ ପୁଣି ଏକ ଅର୍ଦ୍ଧଶତକ




ରେକର୍ଡ ବ୍ରେକର, ମାଷ୍ଟର ବ୍ଲାଷ୍ଟର, ଲିଟଲ ମାଷ୍ଟର, କ୍ରିକେଟର ଭଗବାନ। କ୍ରିକେଟ ପ୍ରତି ଥିବା ତାଙ୍କର ସମର୍ପଣ ବେଳେବେଳେ ଏସବୁ ଶବ୍ଦକୁ ମଧ୍ୟ ଫିକା କରିଦିଏ। ଆଉ ଆଜି ହେଉଛି ସେହି କିମ୍ବଦନ୍ତୀ କ୍ରିକେଟର ତଥା ମହାନ ଖେଳାଳି ସଚିନ ତେନ୍ଦୁଲକରଙ୍କ ୫୦ତମ ଜନ୍ମଦିନ। ମାତ୍ର ୧୬ ବର୍ଷ ବୟସରେ ଭାରତ ପାଇଁ କ୍ରିକେଟ ଖେଳିବା ଆରମ୍ଭ କରିଥିବା ସଚିନ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଦେଶକୁ ସେବା ଯୋଗାଇଛନ୍ତି। ଏବେ ବି ସେ କ୍ରିକେଟ ସହ ଜଡ଼ିତ। ଆଇପିଏଲରେ ସେ ମୁମ୍ବାଇ ଇଣ୍ଡିଆନ୍ସର ଆଇକନ ଭାବେ ନିଯୁକ୍ତି ପାଇଛନ୍ତି।

କ୍ରିକେଟ କହିଲେ ସଚିନ ଓ ତେନ୍ଦୁଲକର କହିଲେ ଲୋକମାନେ କ୍ରିକେଟକୁ ହିଁ ବୁଝନ୍ତି। ତେନ୍ଦୁଲକର ନାଁ ଶୁଣିବା ମାତ୍ରେ ବଡ଼ବଡ଼ ବୋଲର ନର୍ଭସ ହୋଇଯାଆନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଅନେକ ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାଁରେ ରହିଛି। ଟେଷ୍ଟ ଓ ଦିନିକିଆରେ ସର୍ବାଧିକ ରନ ହାସଲକାରୀ କ୍ରିକେଟର ହେଉଛନ୍ତି ସଚିନ। ଅନ୍ତର୍ଜାତୀୟ କ୍ରିକେଟରେ ୧୦୦ଟି ଶତକ ହାସଲ କରିବାରେ ସଚିନ ହେଉଛନ୍ତି ବିଶ୍ୱର ଏକମାତ୍ର ଖେଳାଳି। ବିଶ୍ୱକପ ଠାରୁ ୨୦୦୮ ମସିହା ଭିବି ସିରିଜ୍ ସଚିନ ଦେଶ ପାଇଁ ଜିତିଛନ୍ତି।

ପାକିସ୍ତାନ ବିପକ୍ଷ ସିରିଜ୍‌ରେ ଭାରତର କ୍ରମାଗତ ପରାଜୟଧାରାକୁ ସଚିନ ହିଁ ୧୯୯୧ରେ ସାରଜାରେ ଭାଙ୍ଗିଥିଲେ। ୪୧ ବଲରେ ୫୨ ରନର ଇନିଂସ ଖେଳି ସେ ପାକିସ୍ତାନ ବିପକ୍ଷରେ ଭାରତକୁ ଜିତାଇଥିଲେ। ଭାରତ ୧୯୮୫ ପରଠାରୁ କେବେ ହେଲେ ପାକିସ୍ତାନକୁ ହରାଇ ପାରୁ ନଥିଲା।

୧୯୮୯ରେ ଡେବ୍ୟୁ କରିଥିବା ସଚିନ ୧୯୯୧ରେ ଏହି ଧାରା ଭାଙ୍ଗିଥିଲେ। ସଚିନଙ୍କ ବିଷୟରେ କହିଲେ ଆଦୌ ତଥ୍ୟ ଶେଷ ହେବନି। ହେଲେ ମହାନ କିମ୍ବଦନ୍ତୀଙ୍କ ପ୍ରଶଂସା ଓ ସଫଳତା ବଖାଣିବାକୁ ସମ୍ଭବତଃ କାହା ପାଖରେ ଶବ୍ଦ ହିଁ ନାହିଁ। ସେ କ୍ରିକେଟର ଭଗବାନ। ୨୦୧୩ ନଭେମ୍ବର ୧୬ରେ ସଚିନ ଅନ୍ତର୍ଜାତୀୟ କ୍ରିକେଟରକୁ ଅଲବିଦା କହିଥିଲେ। ଏହାକୁ ୧୦ ବର୍ଷ ବିତିଥିଲେ ହେଁ ଆଜି ବି ସାରା ବିଶ୍ୱରେ ସଚିନଙ୍କ କ୍ରେଜ ରହିଛି। ସେ ୬୬୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ମୋଟ ୩୪,୩୫୭ ରନ କରିଛନ୍ତି। ଏଯାଏ ତାଙ୍କ ରେକର୍ଡକୁ କେହି ବି ଭାଙ୍ଗି ପାରି ନାହାନ୍ତି।

### ● ଦିନିକିଆରେ ସଚିନଙ୍କ ରେକର୍ଡ

୧. ଦିନିକିଆରେ ଦ୍ୱିଶତକ ମାରିବାରେ ସଚିନ ହେଉଛନ୍ତି ପ୍ରଥମ ବ୍ୟାଟର।
୨. ଦିନିକିଆରେ ସବୁଠୁ ଅଧିକ ଶତକ ମାରିଛନ୍ତି। ସେ ଦିନିକିଆରେ ୪୯ଟି ଶତକ ହାସଲ କରିଛନ୍ତି।
୩.ଦିନିକିଆରେ ସଚିନଙ୍କ ନାଁରେ ରହିଛି ୯୬ଟି ଅର୍ଦ୍ଧଶତକ।
୪. ଦିନିକିଆରେ ସର୍ବାଧିକ ୫ ଥର ସେ ୧୫୦ରୁ ଅଧିକ ରନ୍ କରିଛନ୍ତି।
୫. ଦିନିକିଆରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସେ ସବୁଠୁ ଅଧିକ ରନ୍ କରିବାର ରେକର୍ଡ ସଚିନଙ୍କ ନାଁରେ ରହିଛି। ୧୯୯୮ରେ ସେ ୧୮୯୪ ରନ୍ କରିଥିଲେ।
୬. ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସେ ସର୍ବାଧିକ ଶତକ ମାରିଛନ୍ତି। ୧୯୯୮ରେ ସେ ୯ଟି ଶତକ ମାରିଥିଲେ।
୭. ସଚିନଏକମାତ୍ର ଭାରତୀୟ ଯିଏ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆରେ ସର୍ବାଧିକ ୯ଟି ଶତକ ମାରିଛନ୍ତି।
୮. ଦିନିକିଆରେ ସେ ସର୍ବାଧିକ ବାଉଣ୍ଡ୍ରୀ (୪) ରନ୍ କରିଛନ୍ତି। ସେ ୨୦୧୬ଟି '୪' ମାରିଛନ୍ତି।
୯. ସେ ସର୍ବାଧିକ ଦିନିକିଆ ମ୍ୟାଚ୍ (୪୬୩ଟି) ଖେଳିଛନ୍ତି।
୧୦. ଦିନିକିଆରେ ୧୦ ହଜାର ରନ କରିବାରେ ସେ ହେଉଛନ୍ତି ପ୍ରଥମେ ବ୍ୟାଟର।
୧୧. ଦିନିକିଆରେ ସେ ସର୍ବାଧିକ ୬୨ ଥର ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପାଇଛନ୍ତି।
୧୨. ବିଶ୍ୱକପରେ ସେ ସର୍ବାଧିକ ୯ ଥର ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ଜିତିଛନ୍ତି।
୧୩. ଦିନିକିଆରେ ସେ ସର୍ବାଧିକ ଥର ମ୍ୟାନ ଅଫ ଦ ସିରିଜ ପୁରସ୍କାର ଜିତିଛନ୍ତି। ସେ ୧୫ ଥର ମ୍ୟାନ ଅଫ ଦ ସିରିଜ ହାତେଇଛନ୍ତି।
୧୪. ସଚିନ ୧୯୯୪, ୧୯୯୬, ୧୯୯୭, ୧୯୯୮, ୨୦୦୦, ୨୦୦୩ ଓ ୨୦୦୭ କ୍ୟାଲେଣ୍ଡର ବର୍ଷରେ ୧୦୦୦ରୁ ଅଧିକ ରନ୍ ସଂଗ୍ରହ କରିଥିଲେ, ଯାହା ଏକ ବିଶ୍ୱ ରେକର୍ଡ।
୧୫. ଦିନିକିଆରେ ଯେକୌଣସି ୱିକେଟ ପାଇଁ ସବୁଠୁ ବଡ଼ ଭାଗିଦାରୀ- ରାହୁଲ ଦ୍ରାବିଡଙ୍କ ସହିତ ୧୯୯୯ ନଭେମ୍ବର ୮ ତାରିଖରେ ହାଇଦ୍ରାବାଦରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ବନେଇଥିଲେ ସଚିନ। ସେମାନଙ୍କ ମଧ୍ୟରେ ୩୩୧ ରନ୍‌ର ଭାଗିଦାରୀ ହୋଇଥିଲା।
୧୬. ଦିନିକିଆରେ ସର୍ବାଧିକ ରନ ସଂଗ୍ରହ କରିବାର ରେକର୍ଡ ସଚିନଙ୍କ ନାଁରେ ରହିଛି। ସେ ଏହି ଫର୍ମାଟରେ ୧୮,୪୨୬ ରନ କରିଛନ୍ତି।

### ● ଟେଷ୍ଟରେ ସଚିନଙ୍କ ନାଁରେ ଥିବା ରେକର୍ଡ

୧୭. ଟେଷ୍ଟ କ୍ରିକେଟ ଇତିହାସରେ ସବୁଠୁ ଅଧିକ ଶତକ (୫୧ଟି) ମାରିଛନ୍ତି ସଚିନ।
୧୮. ୫୦ଟି ଟେଷ୍ଟ ଶତକ ମାରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟାଟର। ୫୦ଟି ଟେଷ୍ଟ ଶତକ ମାରିବାରେ ସେ ହେଉଛନ୍ତି ଏକ ମାତ୍ର କ୍ରିକେଟର।
୧୯. ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ କରିବାର ରେକର୍ଡ ସଚିନଙ୍କ ନାଁରେ ରହିଛି। ସେ ଏହି ଫର୍ମାଟରେ ୧୫,୯୨୧ ରନ୍ କରିଛନ୍ତି।
୨୦. ଟେଷ୍ଟ କ୍ରିକେଟରେ ଦ୍ରୁତ ୧୦ ହଜାର ରନ ସଂଗ୍ରହ କରିବାର ରେକର୍ଡ ସଚିନଙ୍କ ନାଁରେ ରହିଛି। ସେ ୧୯୫ଟି ଇନିଂସରୁ ଏହି ଉପଲବ୍ଧି ହାସଲ କରିଥିଲେ।
୨୧. ଟେଷ୍ଟ କ୍ରିକେଟରେ ୧୨ ହଜାର ଓ ୧୫ ହଜାର ରନ ପୂରଣ କରିବାରେ ସେ ହେଉଛନ୍ତି ପ୍ରଥମ କ୍ରିକେଟର।
୨୨. ସର୍ବାଧିକ ଟେଷ୍ଟ ମ୍ୟାଚ ଖେଳିବାର ଗୌରବ ବି ସଚିନ ହାସଲ କରିଛନ୍ତି। ସେ ୨୦୦ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।
୨୩. ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏକମାତ୍ର ଭାରତୀୟ ବ୍ୟାଟର ଭାବେ ସେ ସର୍ବାଧିକ ୭ଟି ଟେଷ୍ଟ ଶତକ ମାରିବାର ରେକର୍ଡ କରିଛନ୍ତି।
୨୪. ଟେଷ୍ଟ କ୍ରିକେଟରେ ସର୍ବାଧିକ ୨୦ ଥର ସେ ୧୫୦ରୁ ଅଧିକ ରନ୍ କରିଛନ୍ତି।
୨୫. ଭାରତୀୟ କ୍ରିକେଟର ଭାବେ ସେ ଟେଷ୍ଟରେ ସର୍ବାଧିକ ୧୪ ଥର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପାଇଛନ୍ତି।
୨୬. ୬ଟି କ୍ୟାଲେଣ୍ଡର ବର୍ଷରେ ସେ ଟେଷ୍ଟରେ ୧୦୦୦ରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ୧୯୯୭, ୧୯୯୯, ୨୦୦୧, ୨୦୦୨, ୨୦୦୮ ଓ ୨୦୧୦ କ୍ୟାଲେଣ୍ଡର ବର୍ଷରେ ତାଙ୍କୁ ଏହି ଉପଲବ୍ଧି ମିଳିଥିଲା। ଏହା ଏକ ବିଶ୍ୱ ରେକର୍ଡ।
୨୭. ସଚିନ ହେଉଛନ୍ତି ସବୁଠୁ କମ୍ ବୟସରେ ଟେଷ୍ଟରେ ଶତକ ମାରିଥିବା ଭାରତୀୟ କ୍ରିକେଟର। ୧୭ ବର୍ଷ ୧୯୭ ଦିନର ହୋଇଥିବା ବେଳେ ସେ ତାଙ୍କର ପ୍ରଥମ ଶତକ ହାସଲ କରିଥିଲେ।
୨୮. ଟେଷ୍ଟରେ କୌଣସି ଏକ ଯୋଡ଼ି ଦ୍ୱାରା ସର୍ବାଧିକ ଶତକୀୟ ଭାଗିଦାରୀର ରେକର୍ଡ– ସଚିନ ଓ ରାହୁଲ ଦ୍ରାବିଡ ୧୯ ଥର ଶହେ ବା ତା'ଠୁ ଅଧିକ ରନର ପାର୍ଟନରଶିପ କରିଥିଲେ। ଏହା ଏକ ବିଶ୍ୱ ରେକର୍ଡ।
୨୯. ଟେଷ୍ଟରେ ବିଦେଶରେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ସଚିନଙ୍କ ନାଁରେ ରହିଛି। ସେ ବିଦେଶରେ ୨୯ଟି ଶତକ ମାରିଛନ୍ତି।
୩୦. ୩୫ ବର୍ଷ ବୟସ ପରେ ୧୨ଟି ଶତକ ମାରିବାରେ ଗ୍ରାହମ ଗୁଚଙ୍କ ପରେ ସଚିନ ହେଉଛନ୍ତି ଦ୍ୱିତୀୟ ଖେଳାଳି।

### ● ସଚିନଙ୍କ ଅନ୍ୟାନ୍ୟ ରେକର୍ଡ

୩୧. ୨୦ ବର୍ଷରେ ପାଦ ଥାପିଲା ବେଳକୁ ୫ଟି ଟେଷ୍ଟ ଶତକ ମାରି ସାରିଥିବାରେ ସଚିନ ହେଉଛନ୍ତି ଏକ ମାତ୍ର କ୍ରିକେଟର।
୩୨. ବିଶ୍ୱକପ ମ୍ୟାଚରେ ୨୦୦୦ରୁ ଅଧିକ ରନ ସଂଗ୍ରହ କରିବାରେ ସେ ବିଶ୍ୱର ଏକମାତ୍ର ବ୍ୟାଟର।
୩୩. ଗୋଟିଏ ବିଶ୍ୱକପରେ ସର୍ବାଧିକ ରନ ସଂଗ୍ରହ କରିବାର ରେକର୍ଡ ସଚିନଙ୍କ ନାଁରେ ରହିଛି। ୨୦୦୩ ବିଶ୍ୱକପରେ ସେ ୬୭୩ ରନ କରିଥିଲେ।
୩୪. ଦିନିକିଆରେ ୧୫ ହଜାର ରନ ସଂଗ୍ରହ କରିବା ଓ ୧୫୦ଟି ୱିକେଟ ନେବାରେ ସେ ଏକମାତ୍ର କ୍ରିକେଟର।
୩୫. ୫୦ଟି ଅନ୍ତର୍ଜାତୀୟ ଶତକ (ଟେଷ୍ଟ ଓ ଦିନିକିଆ) ହାସଲ କରିବାରେ ପ୍ରଥମ ବ୍ୟାଟର।
୩୬. ୬୦ଟି ଅନ୍ତର୍ଜାତୀୟ ଶତକ (ଟେଷ୍ଟ ଓ ଦିନିକିଆ) ହାସଲ କରିବାରେ ପ୍ରଥମ ବ୍ୟାଟର।
୩୭. ୩୦ ହଜାର ଅନ୍ତର୍ଜାତୀୟ ରନ (ଟେଷ୍ଟ ଓ ଦିନିକିଆ) ହାସଲ କରିବାରେ ଏକମାତ୍ର କ୍ରିକେଟର।
୩୮. ରଣଜୀ ଡେବ୍ୟୁ, ଦୁଲୀପ ଟ୍ରଫି ଡେବ୍ୟୁ ଓ ଇରାନୀ ଟ୍ରଫି ଡେବ୍ୟୁରେ ଶତକ ମାରିବାରେ ସଚିନ ହେଉଛନ୍ତି ଏକମାତ୍ର ଖେଳାଳି।
୩୯. ବିଶ୍ୱକପରେ ସର୍ବାଧିକ ଶତକ ମାରିବାର ରେକର୍ଡ ସଚିନଙ୍କ ନାଁରେ ରହିଛି। ସେ ବିଶ୍ୱକପରେ ୬ଟି ଶତକ ମାରିଛନ୍ତି।
୪୦. ବିଶ୍ୱକପ ମ୍ୟାଚଗୁଡ଼ିକରେ ସଚିନ ୨୧ ଥର (ଛଅଟି ଶତକକୁ ମିଶାଇ) ୫୦ରୁ ଅଧିକ ରନ କରିଛନ୍ତି, ଯାହା ଏକ ରେକର୍ଡ।
୪୧. ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ଜିତିବାର ରେକର୍ଡ ସଚିନଙ୍କ ନାଁରେ ରହିଛି। ସେ ମୋଟ ୭୬ ଥର ଏହି ପୁରସ୍କାର ଜିତିଛନ୍ତି। ୬୨ ଥର ଦିନିକିଆରେ ଓ ୧୪ ଥର ଟେଷ୍ଟରେ।
୪୨. ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାନ ଅଫ ଦି ସିରିଜ ପୁରସ୍କାର ଜିତିଛନ୍ତି ସଚିନ। ଟେଷ୍ଟରେ ୫ ଥର ଓ ଦିନିକିଆରେ ୧୫ ଥର ସେ ଏହି ପୁରସ୍କାର ପାଇଛନ୍ତି।
୪୩. ସଚିନ ଓ ସୌରଭ ଗାଙ୍ଗୁଲିଙ୍କ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ (ଉଭୟ ଟେଷ୍ଟ ଓ ଦିନିକିଆ) ରେ ୩୮ ଥର ୧୦୦ରୁ ଅଧିକ ରନର ଭାଗୀଦାରି ହୋଇଛି, ଯାହା ଏକ ବିଶ୍ୱ ରେକର୍ଡ।
୪୪. ସଚିନ ଓ ଗାଙ୍ଗୁଲିଙ୍କ ଦ୍ୱାରା ସଂଗୃହିତ ୧୨,୪୦୦ ରନ୍ ମଧ୍ୟ ଏକ ବିଶ୍ୱ ରେକର୍ଡ।
୪୫. ୧୯୯୦ ଏପ୍ରିଲ ୨୫ ତାରିଖରୁ ୧୯୯୮ ଏପ୍ରିଲ ୨୪ ତାରିଖ ମଧ୍ୟରେ ସଚିନ ଭାରତ ପକ୍ଷରୁ ସବୁ ମ୍ୟାଚ୍ ଖେଳିଥିଲେ। ଗୋଟିଏ ବି ମ୍ୟାଚରୁ ସେ ବାଦ୍ ପଡ଼ି ନଥିଲେ। ଏହି ସମୟ ମଧ୍ୟରେ ସେ ୫୪ଟି ଟେଷ୍ଟ ଓ ୧୮୫ଟି ଦିନିକିଆ ମ୍ୟାଚ୍‌କୁ ମିଶାଇ ମୋଟ ୨୩୯ଟି ମ୍ୟାଚ୍ ଖେଳିଥିଲେ।
୪୬. ସଚିନ ୧୦୦ଟି ଅନ୍ତର୍ଜାତୀୟ ଶତକ (ଟେଷ୍ଟ ଓ ଦିନିକିଆ) ମାରିବାରେ ଏକମାତ୍ର ଖେଳାଳି।
୪୭. ଦିନିକିଆରେ ଶେଷ ଓଭରରେ ୬ ବା ତା'ଠାରୁ କମ୍ ରନ୍ ବୋଲିଂ ବେଳେ ଦୁଇ ଥର ଅଟକାଇବାରେ ସଚିନ ଏକମାତ୍ର ଖେଳାଳି।
୪୮. ସବୁଠୁ ଲମ୍ବା ସମୟ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ରେକର୍ଡ ସଚିନଙ୍କ ନାଁରେ ରହିଛି। ସେ ୨୪ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ।
୪୯. ସଚିନ ୨୨ ବର୍ଷ ୮୧ ଦିନ ପର୍ଯ୍ୟନ୍ତ ଦିନିକିଆ କ୍ରିକେଟ ଖେଳିଥିଲେ। ଏହା ବି ଏକ ରେକର୍ଡ।
୫୦. ୬୬୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ଓ ସେଥିରୁ ୩୪ ହଜାରରୁ ଅଧିକ ରନ୍ କରିବାରେ ସେ ବିଶ୍ୱର ଏକମାତ୍ର ଖେଳାଳି।

## ଯଶ ଚୋପ୍ରାଙ୍କ ପତ୍ନୀ ପାମେଲାଙ୍କ ପରଲୋକ

ବିଶିଷ୍ଟ ଫିଲ୍ମ ପ୍ରଯୋଜକ ତଥା ନିର୍ଦ୍ଦେଶକ ସ୍ୱର୍ଗତଃ ଯଶ ଚୋପ୍ରାଙ୍କ ପତ୍ନୀ ପାମେଲା ଚୋପ୍ରାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା। ପାମେଲ ଜଣେ ପ୍ରଚ୍ଛଦପଟ୍ଟ ଗାୟିକା ଥିଲେ। ତା'ସହିତ ସେ ଜଣେ ଫିଲ୍ମ ରାଇଟର ଓ ପ୍ରଯୋଜକ ଥିଲେ।



ପାମେଲଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିଲା। ଗତ ୧୫ ଦିନ ଧରି ସେ ମୁମ୍ବାଇର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତଥାପି ତାଙ୍କ ଅବସ୍ଥାରେ ସୁଧାର ଆସି ନଥିଲା ଓ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଦିନ ପ୍ରାୟ ୧୧ଟା ବେଳେ ମୁମ୍ବାଇରେ ତାଙ୍କ ଶେଷକୃତ୍ୟ ମଧ୍ୟ ସଂପନ୍ନ ହୋଇଛି।

୧୯୭୦ ମସିହାରେ ଯଶ ଚୋପ୍ରାଙ୍କୁ ବିବାହ କରିଥିଲେ ପାମେଲା। ଯଶ ଓ ପାମେଲଙ୍କର ଦୁଇ ଜଣ ପୁଅ ଅଛନ୍ତି। ସେମାନେ ହେଉଛନ୍ତି ଆଦିତ୍ୟ ଚୋପ୍ରା ଓ ଉଦୟ ଚୋପ୍ରା। ଆଦିତ୍ୟ ଜଣେ ଫିଲ୍ମ ପ୍ରଯୋଜକ ଓ ନିର୍ଦ୍ଦେଶକ। ସେହିପରି ଉଦୟ ଜଣେ ଅଭିନେତା ଓ ଫିଲ୍ମ ପ୍ରଯୋଜକ।

ପାମେଲା ଚୋପ୍ରା ଅନେକ ଫିଲ୍ମରେ ଗୀତ ଗାଇ ଥିଲେ। ସେଥିରୁ ଅଧିକାଂଶ ଫିଲ୍ମ ତାଙ୍କ ସ୍ୱାମୀ ଯଶ ଚୋପ୍ରାଙ୍କର ଥିଲା। ୧୯୯୩ ମସିହାରେ ରିଲିଜ ହୋଇଥିବା ଫିଲ୍ମ 'ଆଇନା'ର ସେ ପ୍ରଯୋଜକ ଥିଲେ। ୧୯୯୭ରେ ରିଲିଜ୍ ହୋଇଥିବା ଫିଲ୍ମ 'ଦିଲ୍ ତୋ ପାଗଲ ହୈ'ର ସ୍କ୍ରିପ୍ଟ ପାମେଲା ତାଙ୍କ ସ୍ୱାମୀ ଯଶ, ପୁଅ ଆଦିତ୍ୟ ଓ ଲେଖକ ତନୁଜା ଚନ୍ଦ୍ରାଙ୍କ ସହିତ ମିଶି ଲେଖିଥିଲେ।

## ପ୍ରଶଂସକଙ୍କ ଆଶା ପୂରଣ କରିପାରିଲା
## 'କିସି କା ଭାଇ କିସି କୀ ଜାନ'



ବଲିଉଡର ଭାଇଜାନ ସଲମାନ ଖାନ୍ ପ୍ରତିବର୍ଷ ଇଦ୍ ଅବସରରେ ତାଙ୍କ ପ୍ରଶଂସକମାନଙ୍କୁ ନୂଆ ଫିଲ୍ମ ଉପହାର ଦେଇଥାନ୍ତି। ଚାରି ବର୍ଷର ଦୀର୍ଘ ଅପେକ୍ଷା ପରେ ଇଦ୍ ଅବସରରେ ସଲମାନ ଖାନଙ୍କ 'କିସି କା ଭାଇ କିସି କୀ ଜାନ' ଚଳଚ୍ଚିତ୍ର ମୁକ୍ତିଲାଭ କରିଛି। ଏହି ଫିଲ୍ମ ଓପନିଂ ଡେ'ଅପେକ୍ଷା ରିଲିଜର ଦ୍ୱିତୀୟ ଦିନରେ ଅଧିକ ଆୟ କରିଛି। ପ୍ରଥମ ଦିନ ବକ୍ସ ଅଫିସର ଆୟ ଦେଖି ପ୍ରଶଂସକମାନେ ନିରାଶ ହୋଇଥିଲେ। କିନ୍ତୁ ଦ୍ୱିତୀୟ ଦିନ ପରେ ସଲମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ସମୟ ଆସିଛି।

ଫିଲ୍ମର ନିର୍ଦ୍ଦେଶନା ଫରହାଦ୍ ସାମଜୀ ଦେଇଛନ୍ତି। ଏହି ଫିଲ୍ମରେ ସଲମାନ ଖାନଙ୍କ ସହ ପୂଜା ହେଗ୍‌ଡେ ମୁଖ୍ୟ ଭୂମିକାରେ ଅଛନ୍ତି। ଏହା ବ୍ୟତୀତ ଭେଙ୍କଟେଶ୍ ଦଗ୍ଗୁବାତୀ, ଭୂମିକା ଚାୱ୍‌ଲା, ଶହନାଜ ଗିଲ୍, ବିଜେନ୍ଦର ସିଂହ, ଜଗପତି ବାବୁ, ରାଘବ ଜୁୟାଲ, ପଲକ ତିୱାରୀ, ସିଦ୍ଧାର୍ଥ ନିଗମ, ଜସ୍ସୀ ଗିଲ, ଅଭିମନ୍ୟୁ ସିଂହ ଏବଂ ଭୀନାଲି ଭଟନାଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ସେହିପରି ସାଉଥ ସୁପରଷ୍ଟାର ରାମ ଚରଣଙ୍କ ଝଲକ ମଧ୍ୟ ଫିଲ୍ମରେ ରହିଛି।

ରିପୋର୍ଟ ଅନୁସାରେ ଫିଲ୍ମ ଦୁଇ ଦିନ ମଧ୍ୟରେ ବକ୍ସ ଅଫିସ୍ ଆୟ ହେଉଛି ୪୨ କୋଟି ଟଙ୍କା। ଅନ୍ୟପକ୍ଷରେ, ଯଦି ଆମେ ବିଶ୍ୱସ୍ତରୀୟ ସଂଗ୍ରହ ବିଷୟରେ କହିବା, ତେବେ ଏହି ଫିଲ୍ମ ୭୦ କୋଟି ଟଙ୍କା ରୋଜଗାର କରିଛି। ଏହି ଫିଲ୍ମ ଖୁବ୍ ଶୀଘ୍ର ୧୦୦କୋଟି ଟଙ୍କା କ୍ଲବରେ ପ୍ରବେଶ କରିବ।

Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty